

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 MARCH 2023
Vol.No. 34 ■ No. 84 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଜିଲା ନିର୍ବାଚନ ବିଗୁଲ : ମଇ ୧୦ରେ କର୍ଣ୍ଣାଟକ ବିଧାନସଭା ଭୋଟ୍



ନୂଆଦିଲ୍ଲୀ, ୨୯/୦୩ : ବାଜିଲା କର୍ଣ୍ଣାଟକ ବିଧାନସଭା ନିର୍ବାଚନୀ ବିଗୁଲ। ଆସନ୍ତା ମେ' ୧୦ ତାରିଖରେ ପଡିବ ଭୋଟ । ମେ' ୧୩ ତାରିଖରେ ଫଳାଫଳ ଘୋଷଣା ହେବ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏନେଇ ଆଜି ତାରିଖ ଘୋଷଣା କରିଛନ୍ତି । କର୍ଣ୍ଣାଟକର ୫ କୋଟି ୨୨ ଲକ୍ଷ ଭୋଟର ନିଜ ନିଜ ମତଦାନ ସାବ୍ୟସ୍ତ କରିବେ। ନିରପେକ୍ଷ ନିର୍ବାଚନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏଥର ନୂଆ ଭୋଟରଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। କର୍ଣ୍ଣାଟକରେ ୯ କୋଟି ୧୭ ଲକ୍ଷ ନୂଆ ଭୋଟର୍ ଯୋଡି ହୋଇଛନ୍ତି। ଏପ୍ରିଲ ୧ ତାରିଖରୁ ଯେଉଁମାନଙ୍କ ବୟସ ୧୮ ବର୍ଷ ହେଉଛି ସେମାନେ ଭୋଟ୍ ଦେଇପାରିବେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଭୋଟର୍‌ରେ ଘରେ ରହି ଭୋଟ ଦେଇପାରିବେ। ରାଜ୍ୟରେ ୨୪୦ ମଡେଲ ମତଦାନ କେନ୍ଦ୍ର ରହିବ ଯେଉଁଥିରେ ଯୁବକମାନେ ନିୟୋଜିତ ହେବେ। କର୍ଣ୍ଣାଟକରେ ୫୮ ହଜାର ୨୮୨ ମତଦାନ କେନ୍ଦ୍ର ଅଛି, ସେଥିମଧ୍ୟରୁ ୨୦ ହଜାର ୮୬୬ଟି ସହରୀ କେନ୍ଦ୍ର ରହିଛି । ଏଥିମଧ୍ୟରୁ ୫୦ ପ୍ରତିଶତ ମତଦାନ କେନ୍ଦ୍ର ତଥା ୨୯ ହଜାର ୧୪୦ଟି ବୁଥରେ ୱେବକାଷ୍ଟିଂ କରାଯିବ । ୧୦୦ଟି ବୁଥରେ ଦିବ୍ୟାଙ୍ଗ କର୍ମଚାରୀ ନିୟୋଜିତ ରହିବେ। ମେ' ୨୪ ତାରିଖରେ କର୍ଣ୍ଣାଟକ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ଶେଷ ହୋଇ ସରକାର ଗଠନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ସିଇସି । ଏହାଛଡ଼ା, ଚଳିତ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କିନ୍ନରମାନଙ୍କ ପ୍ରତି ବିଶେଷ ଗୁରୁତ୍ୱାରୋପ କରାଯିବ। କର୍ଣ୍ଣାଟକର 'ଭଲ୍‌ନେରାବଲ୍ ଟ୍ରାଇବାଲ୍ ଗ୍ରୁପ୍ସ୍'ଙ୍କ ଭୋଟ୍ ଉପରେ ବି ବିଶେଷ ଧ୍ୟାନ ଦିଆଯାଇଛି। ସେମାନଙ୍କ ପାଇଁ ୪୦ 'ପିଭିଟିଜି' ଭୋଟ୍ ଗ୍ରହଣ କେନ୍ଦ୍ର ସ୍ଥାପନ କରାଯିବ ବୋଲି ନିର୍ବାଚନ କମିଶନର୍ କହିଛନ୍ତି। ୨୨୪ଟି ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ଏବେ ବିଜେପିର ୧୧୯ଜଣ ବିଧାୟକ ରହିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସର ୭୫ଜଣ ବିଧାୟକ ଓ ଜେଡିଏସର ୨୮ଜଣ ବିଧାୟକ ରହିଛନ୍ତି। କର୍ଣ୍ଣାଟକରେ ଏବେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱରେ ବିଜେପି କ୍ଷମତାରେ ରହିଛି।

## ସଦସ୍ୟତା ରଦ୍ଦ ପରେ ସଂସଦରେ ରାହୁଲ ଗାନ୍ଧୀ : ଦଳୀୟ ନେତାଙ୍କ ବୈଠକରେ ସାମିଲ



ନୂଆଦିଲ୍ଲୀ, ୨୯/୦୩ : ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ହେବା ପରେ ରାଜନୀତି ସରଗରମ ରହିଛି । ଉଭୟ ବିଜେପି ଓ କଂଗ୍ରେସ ପରସ୍ପର ଉପରକୁ ଆରୋପ ପ୍ରତ୍ୟାରୋପ ଲଗାଉଛନ୍ତି । ଲୋକସଭାରୁ ଅଯୋଗ୍ୟ ଘୋଷିତ ହେବା ପରେ ରାହୁଲ ଗାନ୍ଧୀ ପ୍ରଥମଥର ସଂସଦରେ ପହଞ୍ଚିନ୍ତି । ରାହୁଲ ଗାନ୍ଧୀ ସିପିପି କାର୍ଯ୍ୟାଳୟରେ ଲୋକସଭା ଓ ରାଜ୍ୟସଭାର କଂଗ୍ରେସ ସାଂସଦଙ୍କ ସହ ବୈଠକରେ ସାମିଲ ହୋଇଛନ୍ତି । ସେଠାରେ ପ୍ରାୟ ୨୦ ମିନିଟ୍ ଧରି ରାହୁଲ ରହିଥିଲେ । ପରେ ନିଜ ମା' ଓ କଂଗ୍ରେସ ସଂସଦୀୟ ଦଳର ମୁଖ୍ୟ ସୋନିଆ ଗାନ୍ଧୀଙ୍କ ସହ ସେଠାରୁ ଚାଲିଆସିଥିଲେ । ସେପଟେ ସୁରତ ସେସନ୍ସ କୋର୍ଟଙ୍କ ନିଷ୍ପତିକୁ ଚ୍ୟାଲେଞ୍ଜ କରିବେ ରାହୁଲ ଗାନ୍ଧୀ । ଆଗାମୀ ୪୮ ଘଣ୍ଟା ଭିତରେ ରାହୁଲ ଗାନ୍ଧୀ ସୁରତ କୋର୍ଟରେ ଆବେଦନ ଦାଖଲ କରିବା ନେଇ ସୂଚନା ରହିଛି । ଏହାରି ଭିତରେ ରାହୁଲ ଗାନ୍ଧୀ ସାବରକର ବିବାଦକୁ ନେଇ ଶିବସେନା ଉଦ୍ଧବ ଗୋଷ୍ଠୀର ନେତା ସଂଜୟ ରାଉତଙ୍କୁ ଭେଟିଛନ୍ତି । ରାହୁଲ ଓ ସୋନିଆଙ୍କ ସହ ସାକ୍ଷାତ ନେଇ ସଂଜୟ ଟ୍ୱିଟ୍ କରିଛନ୍ତି । ଆଉ ଲେଖିଛନ୍ତି, ସୋନିଆ ଓ ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିଛି । ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଛି । ଏବେ ସବୁକିଛି ଠିକ ଅଛି । ଚିନ୍ତା କରିବାର କୌଣସି ଆବଶ୍ୟକ ନାହିଁ । ରାହୁଲ ଗାନ୍ଧୀଙ୍କ ଦ୍ୱାରା ସାବରକର ମନ୍ତବ୍ୟକୁ ନେଇ ମହାବିକାଶ ଅଘାଡ଼ି ମେଣ୍ଟରେ ଅସନ୍ତୋଷ ଦେଖା ଦେଇଥିଲା । ତେବେ ଏନସିପି ମୁଖ୍ୟ ଶରଦ ପାୱାରଙ୍କ ହସ୍ତକ୍ଷେପ ପରେ କଂଗ୍ରେସ ନେତାଙ୍କୁ ଏ ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ । ଆଉ ପାୱାରଙ୍କ ବୁଝାସୁଝା ପରେ ରାହୁଲ ପରବର୍ତୀ ସମୟରେ ସାବରକରଙ୍କ ବିଷୟରେ କୌଣସି ମନ୍ତବ୍ୟ ଦେବେ ବୋଲି କହିଛନ୍ତି । ରାହୁଲଙ୍କ ସହ କଂଗ୍ରେସର ପୂର୍ବତନ ଅଧକ୍ଷା ସୋନିଆ ଗାନ୍ଧୀ ଉପସ୍ଥିତ ଥିଲେ । କଂଗ୍ରେସ ସାଂସଦ ମଣିକମ ଟାଗୋର ବୁଧବାର ଲୋକସଭାରେ ଆଦାନୀ ପ୍ରସଙ୍ଗ ଓ ରାହୁଲଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗରେ ମୁଲତବୀ ଆଗତ କରିଥିଲେ ।

## ନୂଆପଡ଼ାରେ ପୁଣି ବାଘ ଆତଙ୍କ

ନୂଆପଡା/ଭୁବନେଶ୍ୱର, ୨୯/୦୩ (ନି.ପ୍ର): ନୂଆପଡ଼ାରେ ପୁଣି ବାଘ ଆତଙ୍କ ଦେଖିବାକୁ ମିଳିଛି। କଲରାପତରିଆ ବାଘ ଆଜି ଏକ ଗାଇକୁ ମାରି ଖାଇଥିବା ଅଭିଯୋଗ ହୋଇଛି। ସୁନାବେଢ଼ା ଅଭୟାରଣ୍ୟ ଜଲମଡାଇ ଗାଁର ରାମସିଲା ପଟିଆଙ୍କ ଗାଇକୁ ବାଘ ମାରି ଖାଇଥିବା ଜଣାପଡିଛି। ପୂର୍ବରୁ ଗାଁର ଜଣେ ବୃଦ୍ଧା ଓ ବାଛୁରୀକୁ ବାଘ ଖାଇଥିବା ଅଭିଯୋଗ ହୋଇଥିଲା। ସୂଚନା ପାଇ ଘଟଣା ସ୍ଥଳରେ ବନ ବିଭାଗ ପହଂଚି ତଦନ୍ତ ଜାରି ରଖିଛି।

## ମଇ ୧୦ରେ ଝାରସୁଗୁଡା ଉପନିର୍ବାଚନ



ଭୁବନେଶ୍ୱର, ୨୯/୦୩ (ନି.ପ୍ର): ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପ-ନିର୍ବାଚନ ହେବ। ମେ'୧୦ରେ ନିର୍ବାଚନ ହେବାକୁ ଥିବା ବେଳେ ମେ' ୧୩ ତାରିଖରେ ଗଣତି ପରେ ସେହିଦିନ ଫଳାଫଳ ପ୍ରକାଶ ପାଇବ। ଏନେଇ ବୁଧବାର ତାରିଖ ଘୋଷଣା କରିଛନ୍ତି ନିର୍ବାଚନ ଆୟୋଗ। ବୁଧବାର ଦିନ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସୂଚନା ଦେଇ କହିଛନ୍ତି ଝାରସୁଗୁଡାରେ ଉପ-ନିର୍ବାଚନ ପାଇଁ ଏପ୍ରିଲ ୧୩ରେ ପ୍ରକାଶ ନିର୍ବାଚନ ବିଜ୍ଞପ୍ତି ପାଇବ। ଏପ୍ରିଲ ୨୦ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ। ୨୧ରେ ଯାଂଚ, ୨୪ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ଦିଆଯାଇଛି। ମେ ୧୦ ତାରିଖରେ ଭୋଟ୍ ଗ୍ରହଣ ପରେ ମେ' ୧୩ରେ ଭୋଟ ଗଣତି ହେବ । ଏହାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉପନିର୍ବାଚନ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଅପ୍ରେଲ ୧୩ ତାରିଖ ଗୁରୁବାର ଗେଜେଟ୍ ନୋଟିଫିକେସନ୍, ଅପ୍ରେଲ ୨୦ ତାରିଖ ଗୁରୁବାର ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଅପ୍ରେଲ ୨୧ ତାରିଖ ▶▶ପୃଷ୍ଠା ୭

## ୩୧ରେ ସର୍ବାଧିକ ପ୍ରଭାବ ପକାଇବ ପଶ୍ଚିମା ଝଡ଼

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡଘଡି ବିଜୁଳି ସହ ବର୍ଷା ଜାରି ରହିଛି। ତେବେ ଆସନ୍ତା ୩୧ମାର୍ଚ୍ଚ ରେ ପଶ୍ଚିମାଝଡ଼ର ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୩୧ ତାରିଖରେ କିଛି ଜିଲ୍ଲାରେ କୁଆପଥର ବର୍ଷା, ତଥା ଭାରିବର୍ଷା (୭ ରୁ ୧୧ ସେମି) ସମ୍ଭାବନା ସହ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡିର ସମ୍ଭାବନା ରହିଛି। ଏହାସହ ଝଡ ପବନ ଘଂଟା ପ୍ରତି ବେଗ ୪୦ ରୁ ୫୦ କିମି ରହିପାରେ ବୋଲି ସୂଚନା ଦେଇଛି ପାଣିପାଗ ବିଭାଗ। ପାଣିପାଗ ବିଭାଗ ଜାରି କରିଥିବା ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଂଜାମ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖରେ ନୂଆପଡା, ବରଗଡ, ଝାରସୁଗୁଡା, ବଲାଙ୍ଗିର, ସୋନପୁର, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଦେବଗଡ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ୩୦ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ।

## ନକଲି ସାର୍ଟିଫିକେଟର ସୌଦାଗର ମନୋଜ ମିଶ୍ରଙ୍କ ଖୋଲୁଛି ଗୁମର



ଭୁବନେଶ୍ୱର, ୨୯/୦୩ (ନି.ପ୍ର): ବଲାଙ୍ଗୀର ନକଲି ସାର୍ଟିଫିକେଟ୍ ଘଟଣା ସାରା ରାଜ୍ୟରେ ଚାଂଚଲ୍ୟ ଖେଳାଇ ଦେଇଛି । ଏହି ନକଲି ସାର୍ଟିଫିକେଟ ରାକେଟର ମାଷ୍ଟରମାଇଣ୍ଡ ମନୋଜ କୁମାର ମିଶ୍ର ଓ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି । ଏକ ମଧ୍ୟବିତ ପରିବାରର ମନୋଜ ମିଶ୍ର କେମିତି ଏତେ ବଡ ରାକେଟର କିଙ୍ଗ ପିନ୍ ହେଲା ତାର କାହାଣୀ ମଧ୍ୟ ଚକିତ କଲା ଭଳି । ମନୋଜ ମିଶ୍ର । ବଲାଙ୍ଗୀର ନକଲି ସାର୍ଟିଫିକେଟ ର୍ୟାକେଟର ମାଷ୍ଟରମାଇଣ୍ଡ । କୋଚିଂ ସେଂଟର କରି, ନକଲି ସାର୍ଟିଫିକେଟ ର୍ୟାକେଟ ଚଳାଉଥିବା ପ୍ରମାଣ ମିଳିବା ପରେ ଗିରଫ ହୋଇ ଜେଲ ଯାଇଛନ୍ତି ଏହି ଧୃତ ବ୍ୟକ୍ତି ଜଣଙ୍କ । ଆଉ ଧରାପଡିବା ପରେ, ଚର୍ଚ୍ଚାକୁ ଆସିଛି ମନୋଜଙ୍କ ଜାଲ ସାର୍ଟିଫିକେଟ ର୍ୟାକେଟର ପୂରା କାହାଣୀ । ସୂଚନା ଅନୁସାରେ, ବାପାଙ୍କ ଅବସର ପରେ ଟ୍ୟୁସନ କରି ପରିବାର ଚଳାଇବାକୁ ସଂଘର୍ଷ କରୁଥିଲେ ମନୋଜ । ୧୯୯୮ରେ ମନୋଜ ଓ ତାଙ୍କ ୩ ସାଙ୍ଗ ମିଶି କୋଚିଂ ସେଂଟର ଖୋଲିଥିଲେ । ଧିରେ ଧିରେ କୋଚିଂ ସେଂଟରର କାୟା ବଢ଼ିଥିଲା । ୨୦୧୬ରେ ଆଲୋକ ରଞ୍ଜନ ଉଦଗାତା କୋଚିଂ ସେଂଟରରେ ଚାକିରି କରିଥିଲେ । ଏମସିଏ କରିଥିବା ଆଲୋକ କଂପୁଟର ଇନଷ୍ଟ୍ରକ୍ଟର ଭାବେ ଯୋଗ ଦେଇଥିଲେ । ତାପରେ ଆଲୋକ ଉଦଗାତା ଓ ମନୋଜ ମିଶି ଆରମ୍ଭ କରି ଦେଇଥିଲେ ଜାଲ ସାର୍ଟିଫିକେଟର ର୍ୟାକେଟ । କଂପୁଟରରେ ଅବିକଳ ସାର୍ଟିଫିକେଟର ନକଲ କରୁଥିଲେ । ଏ ହେଉଛି ଜବତ ହୋଇଥିବା କିଛି ଜାଲ ସାର୍ଟିଫିକେଟ । ଏହି ସବୁ ଜାଲ ସାର୍ଟିଫିକେଟ ମନୋଜଙ୍କ କୋଚିଂ ସେଂଟରରୁ ଜବତ କରାଯାଇଛି । ଯାହାକୁ ଦେଖିଲେ ନକଲି ବୋଲି ▶▶ପୃଷ୍ଠା ୭

## ବଡେଇ ବାଙ୍କ ଛକରେ ଅଟକିଲା ରୁକୁଣା ରଥ

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡେଇ ବାଙ୍କ ଛକରେ ଅଟକି ରହିଲା ରୁକୁଣା ରଥ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ମାଉସୀମା' ଛକରେ ପହଂଚି ପାରିନଥିଲା। ଆସନ୍ତାକାଲି ସକାଳେ ପୁଣି ରଥଟଣା ହେବ। ▶▶ପୃଷ୍ଠା ୭

## ଆଜି ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନ୍‌ର ଶୁଭାରମ୍ଭ କରିବେ ୨ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୨୯/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି (ଗୁରୁବାର) ଶ୍ରୀରାମ ନବମୀ ଅବସରରେ ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ ମେମୁ ଟ୍ରେନର ଶୁଭାରମ୍ଭ ଅବସରରେ କଟକ ରେଳ ଷ୍ଟେସନ ଠାରେ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିବେ। ଶୁଭାରମ୍ଭ ଦିବସରେ ଏହି ଟ୍ରେନ୍ କଟକ ଷ୍ଟେସନରୁ ଛାଡିବ କିନ୍ତୁ ଏହି ଟ୍ରେନର ନିୟମିତ ସେବା ୩୧ ମାର୍ଚ୍ଚ ୨୦୨୩ ରୁ ଉଭୟ ପାର୍ଶ୍ୱରୁ ପ୍ରାରମ୍ଭ କରାଯିବ । ଏହି ଟ୍ରେନର ପ୍ରଚଳନ ଉଭୟ ଭଦ୍ରକ ଏବଂ ନୟାଗଡ଼ ଜିଲ୍ଲାର ଲୋକଙ୍କ ଆକାଂକ୍ଷାକୁ ପୂରଣ କରିପାରିବ । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶର ଭିତିପ୍ରସ୍ତର ସମାରୋହରେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଏକ ନୂତନ ଟ୍ରେନ୍ ଚଳାଚଳ କରାଇବାକୁ ଘୋଷଣା କରିଥିଲେ। ଏହି ଅଂଚଳର ଯାତ୍ରୀମାନଙ୍କ ଆରାମ ତଥା ସୁବିଧା ପାଇଁ ରେଳମନ୍ତ୍ରୀ 1 ମଧ୍ୟବର୍ତୀ ଷ୍ଟେସନ ମାନଙ୍କରେ ଟ୍ରେନ ବଦଳାଇବା ପରିବର୍ତେ ଏହି ଟ୍ରେନ ସିଧା ସଳଖ ଭାବେ ଯାତ୍ରା ପାଇଁ ସମ୍ପୃକ୍ତ ଅଂଚଳର ଜନସାଧାରଣଙ୍କୁ ସୁବିଧା ଯୋଗାଇବ। ଏହି ନୂତନ ଟ୍ରେନ୍ ଏହାର ▶▶ପୃଷ୍ଠା ୭

## ସାହାରା ଜମାକାରୀଙ୍କ ପାଇଁ ଖୁସି ଖବର : ଟଙ୍କା ଫେରସ୍ତ ପାଇଁ ସୁପ୍ରିମକୋର୍ଟ ଦେଲେ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୯/୦୩ : ସାହାରାର ଲକ୍ଷାଧିକ ନିବେଶକଙ୍କ ପାଇଁ ଖୁସି ଖବର । ସାହାରାର ଜମାକାରୀ ଫେରିପାଇବେ ନିଜର ଫସିରହିଥିବା ଟଙ୍କା । ସୁପ୍ରିମକୋର୍ଟ ସାଧାରଣ ଜନସାଧାରଣ ଯେଉଁମାନେ ନିଜର ସଞ୍ଚିତ ତଥା ଉପାର୍ଜିତ ଧନକୁ ସାହାରା କମ୍ପାନୀରେ ନିବେଶ କରିଥିଲେ ସେମାନେ ଏବେ ଟଙ୍କା ଫେରିପାଇବାର ଆଶା ଜନ୍ମିଛି । ସେବି ନିକଟରେ ସଞ୍ଚି ୨୪ ହଜାର କୋଟି ଟଙ୍କା ମଧ୍ୟରୁ ୫ ହଜାର କୋଟି ଫେରାଇଦିଆଯିବ । ଜଷ୍ଟିସ ଏମ୍ ଆର୍ ଶାହା ଓ ଜଷ୍ଟିସ୍ ସିଟି ରବିକୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ସାହାରା ଗ୍ରୁପ ଦ୍ୱାରା ଠକେଇର ଶିକାରୀ ହୋଇଥିବା ଜମାକାରୀଙ୍କୁ ଏହି ଅର୍ଥ ବଣ୍ଟାଯିବ । ଏହି ସଂକ୍ରାନ୍ତରେ ଏକ ଆବେଦନର ଶୁଣାଣି କରି ଏହି ନିଷ୍ପତିକୁ ଶୁଣାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଦୀର୍ଘ ବର୍ଷ ଧରି ଲୋକଙ୍କ ପଇସା ଫସିରହିଛି । ଯାହାଫଳରେ ଲୋକମାନେ ମାନସିକ ଚିନ୍ତା ଦେଇ ଗତି କରୁଛନ୍ତି । କାରଣ ସାହାରାରେ ଲକ୍ଷ ଲକ୍ଷ ଲୋକ ନିଜ ସଞ୍ଚିତ ଧନକୁ ନିବେଶ କରିଛନ୍ତି । ଆଉ ଏବେ ଏହି ନିଷ୍ପତି ସେହି ଜମାକାରୀମାନଙ୍କୁ ଆଶ୍ୱସ୍ତି ଦେଇଛି ।

## ମହଙ୍ଗା ହେବ ଅତ୍ୟାବଶ୍ୟକ ଔଷଧ : ୧୨ ପ୍ରତିଶତ ବୃଦ୍ଧି ହୋଇପାରେ ମୂଲ୍ୟ




ନୂଆଦିଲ୍ଲୀ, ୨୯/୦୩ : ଆପଣ ଖାଉଥିବା କିଛି ଔଷଧର ଦର ଏପ୍ରିଲ ପହିଲାରୁ ବୃଦ୍ଧି ପାଇବ । ଜାତୀୟ ଫାର୍ମା ମୂଲ୍ୟ ନିର୍ଦ୍ଧାରଣ କର୍ତୃପକ୍ଷ କିଛି ନିର୍ଦ୍ଦିଷ୍ଟ ଔଷଧର ଦର ୧୨.୧୨ ପ୍ରତିଶତ ବୃଦ୍ଧି କରିବା ନେଇ ନିଷ୍ପତି ନେଇଛି । ବିଜ୍ଞପ୍ତି ଜାରି ହେବା ପରେ ଔଷଧ କମ୍ପାନୀଗୁଡିକ ଦର ବଢ଼ାଇବେ । ତାଲିକାରେ ୮୦୦ରୁ ୯୦୦ ଔଷଧ ରହିଛି । ଏଥିରେ ରହିଛି ଆଂଟି-ବାୟୋଟିକଠାରୁ ଆରମ୍ଭ କରି ପେନ୍କିଲ୍ର, ଡାଇବେଟିସ୍, କ୍ୟାନ୍ସର ଓ ଶ୍ୱାସ ଜନିତ ରୋଗର ଔଷଧ ରହିଛି । ପୂର୍ବରୁ ଚୀନରୁ ଔଷଧ ପାଇଁ କଂଚାମାଲ ଆସୁଥିବାବେଳେ ଏବେ ସେସବୁ ବନ୍ଦ ହୋଇଯାଇଛି । ସେଥିପାଇଁ ଔଷଧ ଦର ବଢାଇବାକୁ ▶▶ପୃଷ୍ଠା ୭

## ବିଧାନସଭାରେ ପୁଣି ଉଠିଲା ନବ ଦାସ ହତ୍ୟାକାଣ୍ଡ ପ୍ରସଙ୍ଗ

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ବିଧାନସଭାରେ ନବ ଦାସ ହତ୍ୟା ମାମଲା ପୁଣି ଥରେ ଉଠିଛି । ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହି ହତ୍ୟାକୁ ୨ ମାସ ବିତି ସାରିଲା ପରେ ମଧ୍ୟ ପୋଲିସର ହାତ ଖାଲି ଥିବାରୁ ଏହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ଯଦି ଏହି ପ୍ରସଙ୍ଗକୁ ବିଧାନସଭାରେ ବାରମ୍ବାର ଉଠାଇବା ସତ୍ତ୍ୱେ ଏହାର କୌଣସି ନିର୍ଯାସ ବାହାରୁ ନାହିଁ ତେବେ ଗୃହର କଣ ଆବଶ୍ୟକତା ରହିଛି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଛନ୍ତି ଯେ ଜଣେ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରାଯିବା ଘଟଣାର ଆଜି ୬୦ ଦିନ ଅର୍ଥାତ ଦୁଇ ମାସ ବିତି ସାରିଛି । ହତ୍ୟାର ଉଦ୍ଦେଶ୍ୟ କଣ ଓ ଏହି ହତ୍ୟା ପଛରେ କିଏ ରହିଛି ତାହାର ଖୁଲାସା ଆଜି ଯାଏ ହୋଇ ପାରି ନାହିଁ । ଓଡିଶା ପୋଲିସର ପାରିବାପଣିଆ ଏଥିରୁ ସ୍ପଷ୍ଟ ହୋଇଯାଉଛି। ଏହି ମାମଲାରେ ବଡ ବଡ ଓ ପ୍ରଭାବଶାଳୀ ଲୋକ ଥିବାରୁ ଏହି ଘଟଣାକୁ ଚପାଇ ଦିଆ ଯିବାକୁ ଚେଷ୍ଟା କରୁଛନ୍ତି । ଏଥିରେ ଅନେକ ପ୍ରଭାବଶାଳୀ ଲୋକ ସାମିଲ ଥିବା କୁହା ଯାଉଛି । ସେମାନଙ୍କୁ ସୁରକ୍ଷା ଦେବାର କାମ ରାଜ୍ୟ ପୋଲିସ କରୁଛି । ଏହା ଏକ ବିଶ୍ୱସ୍ତରୀୟ ହତ୍ୟା ହୋଇଥିବା କାରଣରୁ ରାଜ୍ୟ ପୋଲିସ ବିଶ୍ୱସ୍ତରୀୟ ତଦନ୍ତ କରୁଛି । ▶▶ପୃଷ୍ଠା ୭

# ଘରୋଇ ସ୍କୁଲରେ ପଢ଼ିବାକୁ ୯୭୧୭ ଗରିବ ପିଲା ଯୋଗ୍ୟ

## ଅଧିକ ଫି’ ଆଦାୟ କରାଯାଉଥିବା ଅଭିଯୋଗ



ଭୁବନେଶ୍ୱର , ୨୯/୦୩ (ନି.ପ୍ର): ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ଗରିବ ତଥା ଦୁର୍ବଳ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନାମଲେଖା ଚାଲିଛି। ୨୦୨୩-୨୪ ଶିକ୍ଷାବର୍ଷ ଲାଗି ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଚାଲିଥିବା ନାମଲେଖା ପ୍ରକ୍ରିୟାର ପ୍ରଥମ ରାଉଣ୍ଡ୍ ଲଟେରି ଉଠାଣ ଆଜି ଅନୁଷ୍ଠିତ ହୋଇଛି। ଏହି ପ୍ରକ୍ରିୟାରେ ନାମଲେଖା ଲାଗି ମୋଟ ୧୮ ହଜାର ୭୦୦ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ୯୭୧୭ ଛାତ୍ରଛାତ୍ରୀଙ୍କୁ ସିଟ୍ ଆଲଟ୍ କରାଯାଇଛି। ରାଜ୍ୟର ୪୦୭୧ ଘରୋଇ ବିଦ୍ୟାଳୟର ୩୮ ହଜାର ୨୫୧ ସିଟ୍‌ରେ ନାମଲେଖା ଅନୁଷ୍ଠିତ ହେଉଛି।

ଅନ୍ୟପକ୍ଷରେ ବେସରକାରୀ ସ୍କୁଲରେ ପଢୁଥିବା ଦୁର୍ବଳ ଶ୍ରେଣୀର ପିଲାଙ୍କ ବହି ଖାତା, ମଧ୍ୟାହ୍ନଭୋଜନ, ସ୍କୁଲ ପୋଷାକ ବାବଦକୁ ରାଜ୍ୟ ସରକାର ୨୫ ହଜାର ୪୧ ଟଙ୍କା ଦେଉଛନ୍ତି। ଯେଉଁମାନେ ଏହି ସୁବିଧା ନେବେ ନାହିଁ ସେମାନଙ୍କୁ ୨୨ହଜାର ୧୯୭ ଟଙ୍କା ରାଜ୍ୟ ସରକାର ବେସରକାରୀ ଶିକ୍ଷାନୁଷ୍ଠାନକୁ ଦେବାର ନିୟମ ରହିଛି। ହେଲେ କିଛି ଶିକ୍ଷାନୁଷ୍ଠାନ ଚଞ୍ଚକତା କରି ରାଜ୍ୟ ସରକାର ଦେଉଥିବା ଟଙ୍କାକୁ ନେବା ସହ ପିଲାଙ୍କଠାରୁ ପୁଣି ଟଙ୍କା ଆଦାୟ କରୁଛନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ପିଲାଙ୍କୁ ଚଢ଼ା ଦରରେ ବହି ବିକ୍ରି କରିଛନ୍ତି। ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ନେଉଥିବା ଇଣ୍ଟରନ୍ୟାସନାଲ ହ୍ୟୁମାନ ରାଇଟ୍ସ କମିସନ ଅଭିଯୋଗ କରିଛି। ଏନେଇ ସଙ୍ଗଠନ ରାଜ୍ୟ ମୁଖ୍ୟ ଶିବସୁନ୍ଦର ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶକ ଶଶାଙ୍କ ଶେଖର ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ନାରାୟଣ ସାହୁ, ସଦସ୍ୟ ରାକେଶ ମହାପାତ୍ର, ସୋନାଲି ନାୟକ ଗତକାଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କୁହାଯାଇଛି ଯେ ଅଭିଭାବକ କିମ୍ବା ପିଲାମାନେ କୌଣସି ପ୍ରକାରେ ଅତିରିକ୍ତ ଶୁଳ୍କ ଦାବିରେ ବିଦ୍ୟାଳୟଠାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଅଭିଯୋଗ କରିପାରିବେ। ବିଦ୍ୟାଳୟର ସବିଶେଷ ବିବରଣୀ ସହିତ ଏକ ଲିଖିତ ଅଭିଯୋଗ ପତ୍ର, ଆବଣ୍ଟନ ପତ୍ରର କପି ଓ ଅଭିଯୋଗର କାରଣ ଇମେଲ୍ ଆଇଡି ‘rteparadarshi@gmail.com’ ମାଧ୍ୟମରେ ପଠାଇବାକୁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଛି।

# ବିଶ୍ୱ ଉପଭୋକ୍ତା ଅଧିକାର ପକ୍ଷ ପାଳିତ

ପୁରୀ, ୨୯/୦୩ (ନି.ପ୍ର): ବିଶ୍ୱର ପ୍ରତିଟି ବ୍ୟକ୍ତି ଜଣେ ଜଣେ ଉପଭୋକ୍ତା।ତେବେ ଉପଭୋକ୍ତାର ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ପ୍ରତ୍ୟେକ ସଚେତନ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମାପ ଓ ଓଜନ ବିଭାଗ ଆନୁକୂଲ୍ୟରେ ଏବଂ ସାମାଜିକ ଅନୁଷ୍ଠାନ ନିହିତାର ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଉପଭୋକ୍ତା ଅଧିକାର ପକ୍ଷ ପାଳିତ ହୋଇଥିଲା। ଏହାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସଚେତନତା ହିଁ ସତର୍କତା ଓ ସୁରକ୍ଷା। ତେଣୁ ସମସ୍ତ ଉପଭୋକ୍ତା ମାନେ ଯେ କୌଣସି ଦ୍ରବ୍ୟ କ୍ରୟ ସମୟରେ ତାହାର ଗୁଣବତା, ଦାମ୍, ଅବଧି, ଓଜନ ଇତ୍ୟାଦିକୁ ସଠିକ ଭାବେ ଅନୁଧ୍ୟାନ କରିବା ଉଚିତ ବୋଲି କହିଥିଲେ। ବର୍ତ୍ତମାନ ସମୟରେ ବିଭିନ୍ନ କ୍ଷେତ୍ରରେ ଠକାମୀ କରୁଥିବା ବିଶେଷ କରି ବୈଷୟିକ ଜ୍ଞାନ ସହଯୋଗରେ ଠକାମୀ କରୁଥିବା ଲୋକ ମାନଙ୍କ ସଂଖ୍ୟା ଓ କୌଶଳ ବୃଦ୍ଧି ପାଉଛି। ତେଣୁ ଆମେ ପ୍ରତ୍ୟେକ ସତର୍କ ରହିବା ସହ ଆଇନର ସହାୟତା ନେଇ ଉପଭୋକ୍ତାର ସ୍ୱାର୍ଥକୁ ସୁରକ୍ଷିତ ରଖିବାକୁ ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ଜନ୍ମରୁ ମୃତ୍ୟୁ ଯାଏ ପ୍ରତ୍ୟେକ ମଣିଷ ଉପଭୋକ୍ତା ବୋଲି କହିବା ସହ ଯେ କୌଣସି ଦ୍ରବ୍ୟ କ୍ରୟ ସମୟରେ ସତର୍କ ଓ ସଚେତନ ରହିବାକୁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଉପଭୋକ୍ତା ସୁରକ୍ଷା ଆଇନ, ଆଇନରେ ସହାୟତା ବ୍ୟବସ୍ଥା ଓ ଖାଉଟିର ଦାୟିତ୍ୱ ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଏଡିଏମଓ ଡା. ବିରଜା ଶଙ୍କର ରଥ, ମାପ ଓ ଓଜନ ବିଭାଗର ଉପ ନିୟନ୍ତ୍ରକ ପ୍ରଗତି ନାୟକ ଉପଭୋକ୍ତା ନିଜ ନିଜ ପରିସରରେ ବ୍ୟାପକ ସଚେତନ ହେବା ସହ ନିଜ ଅଧିକାରର ସୁରକ୍ଷା ପାଇଁ ଆଗଭର ହେବାକୁ ଅନୁରୋଧ କରିଥିଲେ। ମାର୍ଚ୍ଚ ୧୫ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱେଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶେଷରେ ନିହିତାର ସମ୍ପାଦକ ଭକ୍ତ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କୋର୍ଟ କାର୍ଯ୍ୟ ପରିଦର୍ଶନ କଲେ ସ୍କୁଲ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): କେନ୍ଦ୍ରାପଡା ସେଣ୍ଟ ଜୋସେଫ ସ୍କୁଲର ଛାତ୍ରଛାତ୍ରୀ ମାନେ କେନ୍ଦ୍ରାପଡା କୋର୍ଟ ପରିଦର୍ଶନ କରିବା ସହ କୋର୍ଟ ପରିଚାଳନା ସଂପର୍କରେ ଅବଗତ ହୋଇଥିଲେ । ମାନ୍ୟବର ଜିଲ୍ଲା ଓ ଦୈାରାଜଜ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୋସେଫ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କୋର୍ଟ ପରିଦର୍ଶନ କରାଇବା ସହ ସେମାନଙ୍କୁ କୋର୍ଟ ପରିଚାଳନା ସଂପର୍କରେ ତଥ୍ୟ ପ୍ରଦାନ କରାଯାଇ ଥିଲା । ସ୍କୁଲର ଛାତ୍ରଛାତ୍ରୀ ମାନେ କୋର୍ଟ ଚାଲିବା ସମୟରେ ନିରବତା ରକ୍ଷା କରି ସମସ୍ତ କୋର୍ଟ ପରିଦର୍ଶନ କରି କୋର୍ଟ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ବିଚାରପତି ମାନଙ୍କ ଉପସ୍ଥିତିରେ ଉଭୟପକ୍ଷ ଓକିଲ ମାନେ କିଭଳି ମାମଲା ପରିଚାଳନା କରୁଛନ୍ତି ସେ ସମ୍ବନ୍ଧରେ ଦେଖିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ପରିବାର ଅଦାଲତ ଜଜ ବିକାଶ ଚନ୍ଦ୍ର ଦେ, ତ୍ରିବିକ୍ରମ କେଶରୀ ଚିନାରା, ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ରେଜିଷ୍ଟ୍ରାର ରମାଦେବୀ ସୋରେନଙ୍କ ସହ ସମସ୍ତ ବିଚାରପତି ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ପୁରୀ ଧାମନ୍ଦିର ଆଶ୍ରମରେ ବାର୍ଷିକ ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ପୂଜା

ପୁରୀ, ୨୯/୦୩ (ନି.ପ୍ର): ପୁରୀ ଧାମନ୍ଦିର ଆଶ୍ରମରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ତିନିଦିନ ବ୍ୟାପୀ ଆରମ୍ଭ ହୋଇଛି ଶ୍ରୀ ଶ୍ରୀ ଅନ୍ନପୂର୍ଣ୍ଣା ପୂଜା। ଏହି ପୂଜାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗର ଅନେକ ଭକ୍ତ ଯୋଗଦେଇ ମାଆ ଙ୍କ ଚରଣରେ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। ପୂଜା ଅ୍ୱସରରେ ପ୍ରଥମ ଦିବସଟିକୁ ଆଶ୍ରମ ତରଫରୁ ଶିକ୍ଷା ଦିବସ ଭାବରେ ପାଳନ କରାଯାଇଛି। ଉକ୍ତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ସାହିତ୍ୟିକ ଡ଼ାକ୍ତର ଦେବେନ୍ଦ୍ର କୁମାର ମାନସିଂହ, ପୂର୍ବତନ କୁଳପତି ଡ଼ଃ ହରିହର ହୋତା ଯୋଗଦେଇ ଶିକ୍ଷା ଏକ ମାନବ ଜୀବନର ଅବିଛେଦ୍ୟ ଅଙ୍ଗ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅୟୁର୍ବେଦଚାରୀ ଡାକ୍ତର ଏ ନାରାୟଣ ଆଚାରୀ,ତଥା ନିର୍ମଳାକୃତି ବିକାଶ ଟ୍ରଷ୍ଟ ଅଧ୍ୟକ୍ଷ ଇଞ୍ଜିନିୟର ଦିଲ୍ଲୀପ ପଟ୍ଟନାୟକ, ପି ଏନ ବି ର ପୂର୍ବତନ କ୍ଷେତ୍ରିୟ ପରିଚାଳକ ପ୍ରଶାନ୍ତ ପଟ୍ଟନାୟକ ଆଧ୍ୟାତ୍ମିକ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ୟୁ ଅନ୍ ର ନିର୍ଦ୍ଦେଶକ ଏ ଜଗନ୍ନାଥ ଆଚାରୀ, ସ୍ତମ୍ଭକର ହରିଶଙ୍କର ମିଶ୍ର ଛାତ୍ରଛାତ୍ରୀ ମାନଙ୍କୁ ଚରିତ୍ର ଗଠନରେ ମହାପୁରୁଷ ଙ୍କ ବାଣୀର ଆବଶ୍ୟକ ତା ଉପରେ ଆଲୋକପାତ କରି ସେମାନଙ୍କ ଜୀବନ ଶୈଳୀ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ଆଶ୍ରମର ସଂଯୋଜକ ଶ୍ରୀଗୁରୁଚରଣ ଦାସ ସଭାପତିତ୍ୱ କରିଥିବା ବେଳେ ଆଶ୍ରମର ଆଚାର୍ଯ୍ୟ ବାପି ଦା ସମ୍ପାଦକ ଦେବବ୍ରତ ସରକାର ଉପସ୍ଥିତ ଥିଲେ। ଶେଷରେ ୭୦ ଜଣ ଛାତ୍ରଛାତ୍ରୀ ଙ୍କୁ ପଠନ ସାମଗ୍ରୀ ବିତରଣ ସହିତ ୪୦ ଟି ପରିବାର କୁ ରନ୍ଧନ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ଏଫସିଆଇ-ଯୋଗାଣ ନିଗମର ବୈଠକ: କମିଛି କେନ୍ଦ୍ରର ଚାଉଳ କ୍ରୟ

## ରାଜ୍ୟ ବି ଦେଇନି ୩.୭୬ ଲକ୍ଷ ମେଟ୍ରିକ ଟନ୍, ପଡ଼ୋଶୀ ରାଜ୍ୟକୁ ଓଡ଼ିଶା ଚାଉଳ ଭରସା

ଭୁବନେଶ୍ୱର , ୨୯/୦୩ (ନି.ପ୍ର): ୨୦୧୮ ମସିହାରେ ଓଡ଼ିଶା ଠାରୁ ଏଫସିଆଇ କ୍ରୟ କରିଥିଲା ୧୭.୮୪ ଲକ୍ଷ ମେଟ୍ରିକ ଟନ୍‌ର ଚାଉଳ। ୨୦୧୯ରେ ୧୭.୧୫ ଲକ୍ଷ ମେଟ୍ରିକ ଟନ୍, ୨୦୨୦ ମସିହାରେ ୧୮.୯୯ ଲକ୍ଷ ମେଟ୍ରିକ ଟନ୍ ଏବଂ ୨୦୨୧ ମସିହାରେ ୯.୧୭ ଲକ୍ଷ ମେଟ୍ରିକ ଟନ୍ କ୍ରୟ କରିଥିଲା। ସେହି ଅନୁଯାୟୀ ଚଳିତ ବର୍ଷ ମାତ୍ର ୧୦.୩୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ କ୍ରୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ଏହା ପୁରୁଣା ବର୍ଷ ଠାରୁ କମ୍। ସେଥିରୁ ପୁଣି ଗରିବ କଲ୍ୟାଣ ଯୋଜନା ବନ୍ଦ ହୋଇ ଯାଇଥିବାରୁ ବଳକା ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଣ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି। କିନ୍ତୁ ଏହା ମଧ୍ୟ ସତ ଯେ ଓଡ଼ିଶା ସରକାର ମଧ୍ୟ ବର୍ତ୍ତମାନ ସୁଦ୍ଧା ୩.୭୬ ଲକ୍ଷ ମେଟ୍ରିକ ଟନ ଚାଉଳ ଏଫସିଆଇକୁ ଦେଇପାରି ନାହାନ୍ତି। ମିଲ୍ ମାଲିକମାନେ ଚାଉଳ ଦେଉନଥିବାରୁ ଏଭଳି ଅସୁବିଧା ସୃଷ୍ଟି ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟଦିଗରେ ବଳକା ଚାଉଳ ଉଠାଣ ନେଇ କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଆଜି ରାଜ୍ୟ ସରକାରଙ୍କ ଯୋଗାଣ ନିଗମ ଏବଂ କେନ୍ଦ୍ର ସରକାରଙ୍କ ଏଫସିଆଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ବଳକା ଚାଉଳ ଉଠାଣ ନିଷ୍ପତ୍ତି କେନ୍ଦ୍ର ସରକାର ହିଁ ନେବେ ବୋଲି ଜଣାପଡ଼ିଛି।

ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇ ସାରିଛି। ୨୦୧୭ରୁ ୨୦୨୧ ମସିହା ସୁଦ୍ଧା ରାଜ୍ୟର ଧାନ ସଂଗ୍ରହ ୫୧ ପ୍ରତିଶତ, ଏମଏସପି ୨୫.୧୬ ପ୍ରତିଶତ, ଧାନ ସଂଗ୍ରହରେ ସାମିଲ ଚାଷୀଙ୍କ ସଂଖ୍ୟା ୮୯.୬୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୭ ମସିହାରେ ଓଡ଼ିଶା ୪୯ ଲକ୍ଷ ୬ହଜାର ୧୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲା, ୨୦୨୧ ମସିହାରେ ଏହା ୭୧ ଲକ୍ଷ ୩୭୧୧ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ୨୦୨୨ ଖରିଫରେ ୫୬.୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟକୁ ଓଡ଼ିଶା ଅତିକ୍ରମ କରି ସାରିଛି। ଏହା ସତ୍ତ୍ୱେ ମଧ୍ୟ ଅନେକ ଚାଷୀ ଟୋକନ ସମେତ ବିଭିନ୍ନ ସମସ୍ୟା ଯୋଗୁଁ ଧାନ ବିକ୍ରି କରି ପାରି ନାହାନ୍ତି। ଅର୍ଥାତ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେଲେ ଚାଉଳ ଉତ୍ପାଦନ ଆହୁରି ବଢ଼ିବ। ଧାନ ସଂଗ୍ରହ ନୀତି ଅନୁଯାୟୀ ମଧ ପଞ୍ଜୀକୃତ ହୋଇଥିବା କୌଣସି ଯୋଗ୍ୟ ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରୁ ବାଦ ଦିଆଯାଇ ପାରିବ ନାହିଁ। ଆବଶ୍ୟକ ପଡ଼ିଲେ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି କରାଯାଇ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ।



ଚାଉଳ ଉତ୍ପାଦନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇଥିବାରୁ ମହାମାରୀ ଏବଂ ସ୍ୱାଭାବିକ ସମୟରେ ନିଜ ରାଜ୍ୟର ଲୋକଙ୍କ ଆବଶ୍ୟକତା ପୂରଣ ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତାମିଲନାଡୁ, ବିହାରର ଚାହିଦା ମଧ୍ୟ ଓଡ଼ିଶା ପୂରଣ କରେ। ଏପରିକି ମହାମାରୀରେ ଓଡ଼ିଶା ଭଳି ଅଗ୍ରଣୀ ଚାଉଳ ଉତ୍ପାଦନକାରୀ ରାଜ୍ୟର ଭରସାରେ ହିଁ କେନ୍ଦ୍ର ସରକାର ଗରିବ କଲ୍ୟାଣ ଭଳି ଯୋଜନା ସମଗ୍ର ଦେଶରେ କାର୍ଯ୍ୟକାରୀ କରିବାରେ ସଫଳ ହେଲେ। ଏଥିଯୋଗୁଁ ମହାମାରୀ ୨ ବର୍ଷ ଭୋକରେ କାହାରି ମୃତ୍ୟୁ ନେଇ ଖବର ଆସି ନାହିଁ। ବର୍ତ୍ତମାନ ମଧ୍ୟ ମହାମାରୀ ପ୍ରଭାବ ସମଗ୍ର ଦେଶରେ ରହିଥିବାରୁ ବଳକା ଚାଉଳ ଉତ୍ପାଦନକୁ ନିରୁତ୍ସାହିତ କରାଯିବା ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ରାଜ୍ୟରେ ଚାଉଳ ଉତ୍ପାଦନ ବଢୁଥିବାରୁ ଅଧିକ ପରିମାଣରେ ଚାଉଳ କେନ୍ଦ୍ର ନେବା ଉଚିତ।

ଏଫସିଆଇ ଅନୁସାରେ, ଓଡ଼ିଶାର ବଳକା ଚାଉଳ ଉଠାଣ ନେଇ କୌଣସି ଅସୁବିଧା ନାହିଁ। ଆଗାମୀ ଦିନରେ ଧାର୍ଯ୍ୟ ଲକ୍ଷ୍ୟ ବଢ଼ିବା ନେଇ ଆଶା ରହିଛି। ବିଶେଷଜ୍ଞଙ୍କ ଅନୁସାରେ, ଓଡ଼ିଶାର ସମସ୍ୟା ହେଲା, ରାଜ୍ୟରେ ଯେଉଁ ଭଳି ଚାଉଳ ଉତ୍ପାଦିତ ହେଉଛି ସେହି ଅନୁଯାୟୀ ଗୋଦାମର ଅଭାବ ରହିଛି। ଅର୍ଥାତ ରାଜ୍ୟ ସରକାରଙ୍କ ୭ ଲକ୍ଷ ମେଟ୍ରିକ ଟନ୍ ଏବଂ ଏଫସିଆଇର ୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂରକ୍ଷିତ କରି ରଖିବା ଭଳି ଗୋଦାମ ରହିଛି। କେନ୍ଦ୍ର ପକ୍ଷରୁ ଯଥାଶୀଘ୍ର ଖରିଫ ଚାଉଳ ଉଠାଣ କରି ବାହାର ରାଜ୍ୟକୁ ରପ୍ତାନି ନକଲେ ଆଉ କିଛି ଦିନ ପରେ ଆରମ୍ଭ ହେବାକୁ ଥିବା ରବି ଧାନ ସଂଗ୍ରହ ପାଇଁ ବିକଟ ସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ଚାଉଳ ନେଇ କେନ୍ଦ୍ର ଏବଂ ରାଜ୍ୟ ମୁହାଁମୁହିଁ ହେବା ଆଜିର ନୁହେଁ। ପ୍ରତିବର୍ଷ ଏଭଳି ହୋଇଥାଏ। କିନ୍ତୁ ଉଭୟ ସରକାର ସମନ୍ୱୟ ରକ୍ଷା ନକଲେ ଉଭୟ ଚାଷୀ ଏବଂ ଖାଉଟି କ୍ଷତିଗ୍ରସ୍ତ ହେବେ। ଯାହା କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶକୁ ପ୍ରଭାବିତ କରିବ।

# ତିନି ପଂଚାୟତରେ ଯାଦବ ସମାଜ ବୈଠକ

ଜୟପୁର, ୨୯/୦୩ (ନି.ପ୍ର): ବୋରିଗୁମ୍ମା ବ୍ଲକର ତିନି ପଂଚାୟତରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ଗିଗୁଡା ପଂଚାୟତ ବଡ଼ଦୁବୁଲି ଠାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାଥୀରାମ ନାୟକଙ୍କ ପୌରୋହିତରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଉପସଭାପତି ମଦନ ମୋହନ ନାୟକ, ମୁଖ୍ୟ ବକ୍ତାଭାବେ ଅବିଭକ୍ତ ଜିଲ୍ଲା ସଂଯୋଜକ ମନୋଜ ମହାକୁଡ଼, ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ଉପସଭାପତି ହରି ଗୌଡ଼, ଦୁର୍ଲ୍ଲଭ ଗୌଡ଼, ପ୍ରମୋଦ ନାୟକ, ସୀମାଂଚଳ ମହାକୁଡ଼, ଜଳନ୍ଧର ଗୌଡ଼, ଫଗୁଲାଲ ଗୌଡ଼, ଦୁର୍ଯ୍ୟୋଧନ ଗୌଡ଼, ନରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବୈଠକ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସଭା ସଂଯୋଜନା ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ କରିଥିବା ବେଳେ ଆସନ୍ତା ଏପ୍ରିଲ ୧୬ ତାରିଖରେ ଜୟପୁର ଠାରେ ହେବାକୁ ରହିଥିବା ଗୌଡ଼ ଅଧିକାର ସମାବେଶ ସଫଳ କରିବାକୁ ସଂକଳ୍ପ ପାରିତ ହୋଇଥିଲା । ପୂର୍ବତନ ସରପଂଚ ଜଗନ୍ନାଥ ଗୌଡ଼ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ରବିଚନ୍ଦ୍ର, ବାଲି, ମୁକୁନ୍ଦ, ସୀମାଂଚଳ, ସବ୍ୟସାଚୀ, ପ୍ରମୋଦ, କିଶୋର ଗୌଡ଼, ଘାସି ନାୟକ, ରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲା ସିଟି ହସପିଟାଲ କ୍ରିୟାନୁଷ୍ଠାନ କମିଟି

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟ ଠାରେ ଏକ ସିଟି ହସପିଟାଲ ଦାବିରେ ଦୁଇ ମାସ ଧରି ଧାରଣା ଦେବାପରେ ଜିଲ୍ଲା ପ୍ରଶାସନ ଓ ମେଡିକାଲ ପ୍ରଶାସନ କ୍ରିୟାନୁଷ୍ଠାନ କମିଟି ସହିତ ଆଲୋଚନା କରି ଆସନ୍ତା ମାର୍ଚ୍ଚ ୨୬ ତାରିଖ ସୁଦ୍ଧା ସିଟି ହସପିଟାଲ କରିବା ପାଇଁ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏ ନିମନ୍ତେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟିର ସଭ୍ୟ ସୌମେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଗୟାଧର ଧଳ, ନରୋତମ ପାର୍ଥ ସାରଥୀ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଆଲୋଚନା କରିଥିଲେ ।

# ସୂର୍ଯ୍ୟୋଦୟ ଫାଉଣ୍ଡେସନ ଓ ମିଶନ ଓଡ଼ିଶା ବାଂଟିଲା ଶ୍ରବଣଯନ୍ତ୍ର

ପୁରୀ, ୨୯/୦୩ (ନି.ପ୍ର): ସୂର୍ଯ୍ୟୋଦୟ ଫାଉଣ୍ଡେସନ ମୁମ୍ବାଇ ଓ ମିଶନ ଓଡ଼ିଶା ବାଂଟିଲା ଶ୍ରବଣଯନ୍ତ୍ର। ପ୍ରତିଟି ମଣିଷ ଅନ୍ୟକୁ ସାହାଯ୍ୟ କରୁ। ଅନ୍ୟକୁ ଦେବାରେ ଆନନ୍ଦ ଉପଲବ୍ଧ କରୁ। ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରୁ। ଏହାଦ୍ୱାରା ଅସହାୟ -ନିଃସହାୟଙ୍କ ମୁହଁରେ ହସ ଫୁଟିବ ବୋଲି କହିଛନ୍ତି ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ। ସାଗର ତରଙ୍ଗ ରେସିଡେନ୍ସି ସମ୍ମିଳନୀ କକ୍ଷରେ ଆଜି ସୂର୍ଯ୍ୟୋଦୟ ଫାଉଣ୍ଡେସନ ମୁମ୍ବାଇ ଓ ମିଶନ ଓଡ଼ିଶାର ମିଳିତ ସହଯୋଗରେ ଅନୁଷ୍ଠିତ ଶ୍ରବଣ୍ୱାଧିତଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ ଉତ୍ସବକୁ ଉଦଘାଟନ କରି ଶ୍ରୀ ଷଡଙ୍ଗୀ ଜିଲ୍ଲା ପ୍ରଶାସନ ପୁରୀରେ ଡିଜେ ସଂପୂର୍ଣ୍ଣ ନିଷିଦ୍ଧ କରିବାକୁ ଆହ୍ୱାନ ଦେବା ସହ ଅକ୍ଷମ ଜନଗଣଙ୍କ ପାଇଁ ମିଶନ ଓଡ଼ିଶାକୁ ସମସ୍ତ ସହଯୋଗ ଦେବାକୁ ଘୋଷଣା କରିଥିଲେ। ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ କେବଳ ଶ୍ରବଣ୍ୱାଧିତ ନୁହେଁ, ଭିନ୍ନକ୍ଷମ, ଦୃଷ୍ଟି ବାଧିତଙ୍କ ପାଇଁ ପ୍ରଶାସନ ନେଉଥିବା ପଦକ୍ଷେପରେ ମିଶନ ଓଡ଼ିଶାର ସହଯୋଗ ନିଆଯିବ ବୋଲି ପ୍ରକାଶ କରିବା ସହ କାର୍ଯ୍ୟକ୍ରମର ପ୍ରଂଶସା କରିଥିଲେ।

ଅନୁଷ୍ଠାନ ର ସଂପାଦକ ମଧୁସୂଦନ ମିଶ୍ର ଓ ଇନଷ୍ଟିଚ୍ୟୁଟ ଅଫ ହେଲ୍ଥ ସାଇନ୍ସର ମନୋଜ ସିଂହଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଭାରତୀୟ ସାମ୍ବାଦିକ ସଂଘର ପ୍ରସନ୍ନ କୁମାର ମହାନ୍ତି, ଶିଳ୍ପପତି ରାଜକିଶୋର ପାତ୍ର, ଚକ୍ରଧର ମହାପାତ୍ର, ଶିବ ନାରାୟଣ ସେନାପତି, ମନୋଜ ରଥ, ଡଃ. ଅଭିମନ୍ୟୁ ଭୂୟାଁ, ଜୟନ୍ତୀ ମହାପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଅନୀଲ କୁମାର ଦାଶ ପ୍ରମୁଖ ମୋଟ ୧୧୧ ଜଣ ଶ୍ରବଣ୍ୱାଧିତଙ୍କୁ ମୁକ୍ତଦେୟରେ ଶ୍ରବଣଯନ୍ତ୍ର ବଂଟନ କରିଥିଲେ। ଏଥିରେ ସହଯୋଗ କରିଥିଲେ ସତ୍ୟନାରାୟଣ ସାହୁ, ଦେବରାଜ ଦାସ, ସତ୍ୟନାରାୟଣ ପାତ୍ର, କେଦାରନାଥ ମହାପାତ୍ର, ଦୀପକ ପାତ୍ର, ରବିନ୍ଦ୍ର କୁମାର, ସୌମ୍ୟରଞ୍ଜନ ପାତ୍ର, ଶୁଭେନ୍ଦୁ ସାମନ୍ତରାଏ ପ୍ରମୁଖ। ପଦ୍ମଶ୍ରୀ ଅନୁରାଧା ପୌଡୁଓ୍ୱାଲ, ସୂର୍ଯ୍ୟୋଦୟ ଫାଉଣ୍ଡେସନ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ ମିଶନ ଓଡ଼ିଶାର ଉପଦେଷ୍ଟା ବିଭୁଦତ ସୁବୁଦ୍ଧି।

# ବଳଦେବ ଉଚ୍ଚ ବିଦ୍ୟାଳୟରେ ୧୯୮୦ ବ୍ୟାଚ୍ର ମୋ ସ୍କୁଲ କର୍ମଶାଳା ଓ ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): ପୌରାଂଚଳସ୍ଥିତ ପୁରାତନ ବଳଦେବ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ କର୍ମଶାଳା ଓ ବନ୍ଧୁମିଳନ ୧୯୮୦ ମସିହା ମେଟ୍ରିକ୍ ବ୍ୟାଚ୍ର ଛାତ୍ରଛାତ୍ରୀମାନଙ୍କର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସୁନାମଧନ୍ୟ ଶିକ୍ଷକ ନରହରି ଦାସ, ପଣ୍ଡିତ ଶିରୋମଣି ବିଷ୍ଣୁଚରଣ ପତି ଓ ସୁନାମଧନ୍ୟ ଶିକ୍ଷକ ବୈଷ୍ଣବ ଚରଣ ମିଶ୍ରଙ୍କୁ ବାସଭବନରେ ପାଦପୂଜା କରାଯାଇଥିଲା ଓ ସମ୍ବର୍ଦ୍ଧିତ କରାଯାଇଥିଲା। ତପରେ ବିଦ୍ୟାଳୟ ସଭାଗୃହରେ ଦିବଂଗତ ପୂଜ୍ୟ ସୁନାମଧନ୍ୟ ଶିକ୍ଷକ ସ୍ୱର୍ଗତ ପରମାନନ୍ଦ ଦାସ, ପଦ୍ମ ଚରଣ ସିଂହ, ଅନନ୍ତ ଚରଣ ସ୍ୱାଇଁ, ଜଗନ୍ନାଥ ପ୍ରସାଦ ଦାଶ, ଦେବବ୍ରତ ଦାସ, ପ୍ରଭାତ ରଞ୍ଜନ ଜେନା, ନିରାକାର ରାଉତ, ରାଧାକୃଷ୍ଣ ଦାସ, ନୀଳମଣି ରାଉତ ଓ ସ୍ୱର୍ଗବାସୀ ସାଙ୍ଗମାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ପ୍ରଭୁ ବଳଦେବଙ୍କ ନିକଟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟରେ ଉନ୍ନତମାନର ସ୍ମାର୍ଟ କ୍ଲାସ୍, ଲାବୋରେଟୋରୀ, ଲାଇବ୍ରେରୀ, କମ୍ପ୍ୟୁଟର, ପାନୀୟ ବ୍ୟବସ୍ଥା ଦେଖି ସନ୍ତୋଷ ଲାଭ କରିଥିଲେ। ଭୁବନ ମୋହନ ଜେନା ବିଦ୍ୟାଳୟର ଖେଳ ପଡିଆ, ଆଉ ନିର୍ମାଣ ହେବାକୁ ଥିବା ଗୃହ ପାଇଁ ଦାବି ଜଣାଇଥିଲେ। ୧୯୮୦ ମସିହା ବ୍ୟାଚ୍ମାନଙ୍କ ଦ୍ୱାରା ବିଦ୍ୟାଳୟ ସୀମା ପ୍ରାରମ୍ଭରେ ଏକ ସୁଗମ୍ୟ ଫାଟକ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦ ତୁରନ୍ତ ପୂରଣ ପାଇଁ ସମସ୍ତେ ଦାବି କରିଥିଲେ। ୭୦ରୁ ଉର୍ଦ୍ଧ୍ୱ ଛାତ୍ର ୪୨ ବର୍ଷ ତଳର ସ୍ମୃତି ଓ ବାଲ୍ୟଚପଳତା ଶିକ୍ଷକମାନଙ୍କ ଶାସନ ଓ ସ୍ନେହଶ୍ରଦ୍ଧା ମନେପକାଇ ଆତ୍ମ ବିଭୋର ହୋଇଯାଇଥିଲେ। ପ୍ରତ୍ୟେକ ସ୍ତରରେ ବିଦ୍ୟାଳୟର ମାନବୃଦ୍ଧି ପାଇଁ ସମସ୍ତେ ସହଯୋଗ କରିବାକୁ ଶପଥ ନେଲେ। ମୋ ସ୍କୁଲ ଅଭିଯାନରେ ସାମିଲ ହେବା ପାଇଁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଥମ ଫେଜରେ ବଳଦେବ ଉଚ୍ଚ ବିଦ୍ୟାଳୟକୁ ୫-ଟି ସ୍କୁଲ ଭାବରେ ଗ୍ରହଣ କରାଯାଇଥିବାରୁ ଓଡିଶା ପ୍ରଶାସନକୁ ସମସ୍ତେ ଧନ୍ୟବାଦ ପ୍ରଦାନ କରିଥିଲେ। ଯେଉଁମାନେ ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ସେମାନେ ହେଲେ ମନିନ୍ଦ୍ର, ଅତୁଲ ଦେବୀ, ନୃସିଂହ, କୃଷ୍ଣଚନ୍ଦ୍ର, ପାର୍ଥ, ବିଭୂତି, ରଣଜିତ, ରାମଚନ୍ଦ୍ର, ନଗେନ, ନିରଞ୍ଜନ, ପ୍ରଫୁଲ୍ଲ, ନରହରି, କୁଳମଣି, ରମେନ୍ଦ୍ର, ଦିଲ୍ଲୀପ, ଗୌରାଙ୍ଗ, ଭାସ୍କର, ପୂର୍ଣ୍ଣଚନ୍ଦ୍ର, ପ୍ରଶାନ୍ତ, ଜୟୀରାମ, ବଳରାମ, ଭରତ, ସୁରେଶ, ରମେଶ, ସଞ୍ଜୀବ, ରମାକାନ୍ତ, ବାବାଜୀ, ମାଧବ, ଅଧୀର ରଞ୍ଜନ, ହୃଷୀକେଶ, ଦୟାନିଧି, ହରିଶ, ଜଗବନ୍ଧୁ, ବିଭାସ, ଅକ୍ଷୟ, ରାଜେନ୍ଦ୍ର, ସୁବାଷ, ଦୀପକ, ବଳଭଦ୍ର, ବାଙ୍କ ବିହାରୀ, ଜୟନ୍ତ, ବଳରାମ, ବିରଜା ଓ ଅନ୍ୟମାନେ। ସଂପ୍ରତି ବିଦ୍ୟାଳୟରେ ସମବ୍ୟାଚର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ସମସ୍ତଙ୍କୁ ବିଦ୍ୟାଳୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଓ ସମସ୍ତଙ୍କୁ ହୃଦୟର କୃତଜ୍ଞତା ପ୍ରଦାନ କରିଥିଲେ। ଶିକ୍ଷକ ତପନ କୁମାର ଦାଶ ଓ ସମବ୍ୟାଚର ଶିକ୍ଷା କର୍ମଚାରୀ କ୍ଷୀରୋଦ ପରିଡ଼ା ଓ ପୁରାତନ ଛାତ୍ର ଗୌତମ ପରିଚାଳନାରେ ସହଯୋଗ କରିଥିଲେ ।

# ଟ୍ୟାକ୍ସ ବାର ଆସୋସିଏସନ୍ ପକ୍ଷରୁ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଟ୍ୟାକ୍ସ ବାର ଆସୋସିଏସନ୍ ପକ୍ଷରୁ ନବ ନିର୍ବାଚିତ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଓକିଲ ସଂଘର ନୂତନ ସଭାପତି ଭାବେ ବିଚିତ୍ରନନ୍ଦ ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏହି ପରିପେକ୍ଷୀରେ ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନର ସଭାପତି ପରେଷଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଶ୍ରୀ ମହାନ୍ତିଙ୍କ ବାସଭବନରେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦିଆଯାଇଛି । ଆସୋସିଏସ୍ନ ପକ୍ଷରୁ ସମ୍ପଦକ ସଞ୍ଜୀବ ନାରାୟଣ ବଳ, ଉପସଭାପତି ବଳରାମ ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ କମଳାକାନ୍ତ ରାଉତ, ଉପଦେଷ୍ଟା ଦୂର୍ଯ୍ୟଧନ ରଥ, ବିଚିତ୍ର କୁମାର ଶର୍ମାଙ୍କ ସହ ସମିର ରଞ୍ଜନ ସ୍ୱାଇଁ, ବିଜୟ କୁମାର ସାହୁ, ବିଭୁକଲ୍ୟାଣ ଧଳ, ପ୍ରତାପ ଜେନା, ଏସ୍କେ ଫୟାଜଉଦ୍ଦିନ୍ ପ୍ରମୁଖ ଉପସ୍ଥିତ ରହି ଉତରିୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ରାମ କଥା ସ୍ମରଣ, ରାମକଥା ରସବାହିନୀ

**ଦିଲ୍ଲୀପ କୁମାର ମହାରଣା**

ଆଧାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ। ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତଓ୍ୱାଡ଼ା ବା ସାଠେଓ୍ୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା। ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଛେଦ ପଡ଼ିଯାଇଥିଲା। ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି। ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି। 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା। ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବଶ୍ରେଷ୍ଠ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ



କୁହାଯାଏ। ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ ସେହିପରି ଅସତ୍ୟ ଓ ଅସମ୍ଭବ। ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି - 'ରାମକଥାର ଅମୃତ ଅଯୋଧା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ ବିଶ୍ୱମାନସ ସରୋବରରୁ ଜାତ। ରାମଝର କରୁଣାରସ, ଲକ୍ଷ୍ମଣଝର ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ'। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।

+ଶିଖରପୁର ଉପରସାହି, କଟକ,
ମୋ: ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ



ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ ।

ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ବା ପାଦକୁ ମୁର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ବା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି। ପାଦ ନିକଟରେ ରହିଥିବା ଆଙ୍ଗୁଠିରେ ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ। ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ବା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ଟେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ। ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି। ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

# ନୂଆ ଜୋତା ଡବାରେ କାହିଁକି ଥାଏ ଛୋଟ ଧଳା ପୁଡିଆ: ଜାଣନ୍ତୁ କାରଣ




ଘରକୁ ଯେତେବେଳେ କିଛି ନୂଆ ଇଲେକଟ୍ରୋନିକ ଆଇଟମ କିମ୍ବା ବ୍ୟାଗ ଜୋତା କିଣା ହୋଇ ଆସିଥାଏ ସେଥିରେ ଏକ ଧଳା ଛୋଟ ପ୍ୟାକେଟ ଦେଖିବାକୁ ମିଳିଥାଏ । ଏହାକୁ ଦେଖି ଆମେ ଭାବି ଥାଉ ହଁ ଏମିତି କିଛି କାରଣ ପାଇଁ ଏଥିରେ ଅଛି । ହେଲେ ଏହି ପ୍ୟାକେଟ ଏକ ଜରୁରୀ ଉଦ୍ଦେଶ୍ୟ ନେଇ ନୂଆ ଜିନିଷରେ ଦିଆଯାଇଥାଏ । ଆପଣ ଜାଣିଛନ୍ତି କି ଏହା ପଛରେ ଥିବା କାରଣ କଣ ? ଯଦି ଆପଣ କେବେ ଏହି ପ୍ୟକେଟକୁ ହାତରେ ସ୍ୱର୍ଶ କରିଥିବେ ଲାଗେ ଏଥିରେ ଯେମିତି ଛୋଟ ଛୋଟ ମାଳି ଅଛି । ତେବେ ତାହା ହେଉଛି ଛୋଟ ଛୋଟ ମୋତି ପରି ସିଲିକା ଜେଲ । ବାୟୁରେ ଥିବା ଓଦାପଣକୁ ଟାଣିବାର କ୍ଷମତା ରଖିଥାଏ ସିଲିକା ଜେଲ । ଏହି କ୍ଷମତା ପାଇଁ ନୂଆ ପ୍ରଡକ୍ଟ ଖୋଳରେ ଏହାକୁ ଦିଆଯାଇଥାଏ । ତେବେ ଏହା ପଛରେ କଣ ରହିଛି କାରଣ ? କହିବାକୁ ଗଲେ ଜୋତା ତିଆରି ଠାରୁ ଆରମ୍ଭ କରି ଷ୍ଟୋରରେ ରଖିବା ଏବଂ ବିକ୍ରି ହେବା ପର୍ଯ୍ୟନ୍ତ ତାହା ଗୋଟେ ଡବା ଭିତରେ ବନ୍ଦ ହୋଇ ରହିଥାଏ । ତେବେ ଏତେ ସମୟ ଧରି ଯଦି ଗୋଟେ ବନ୍ଦ ଡବାରେ ଜିନିଷ ରୁହେ ଏବଂ ବାୟୁରେ ଥିବା ଓଦା କରଣରୁ ଖରାପ ହୋଇଯାଏ । କାରଣ ଓଦାପଣ ପାଇଁ ବ୍ୟାକ୍ଟେରିଆ ଲାଗିଯାଆନ୍ତି । ଫଳରେ ଜିନିଷ ବା ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଏପରି ହେବା ଦ୍ୱାରା ପ୍ରଡକ୍ଟ ଖରାପ ହୋଇପାରେ ଯାହାଫଳରେ ଦୋକାନୀଙ୍କୁ ଏହାର କ୍ଷତି ସହିବାକୁ ପଡିବ । ସିଲିକାଜେଲ ଏହି କାରଣ ପାଇଁ ନୂଆ ପ୍ୟାକେଟରେ ଦିଆଯାଏ ।



# ଶ୍ରୀରାମଃ ଶରଣଂ ସମସ୍ତ ଜଗତାଂ ରାମଂ....

**ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପୁନର୍ବସୁ ନକ୍ଷତ୍ର ଯୋଗରେ ଶ୍ରୀରାମ ନବମୀ ପଡ଼ିଥାଏ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ପୁଣ୍ୟ ପ୍ରକଟନ ଦିବସ ହେଉଛି ପବିତ୍ର ଶ୍ରୀରାମ ନବମୀ । ମହାପ୍ରଭୁ ଶ୍ରୀରାମଙ୍କ ରାମରାଜ୍ୟ ଓ ରାମାୟଣର କଥନିକା କେବଳ ହିନ୍ଦୁ ଧର୍ମ ନୁହେଁ ପୃଥିବୀର ସବୁ ଧର୍ମ ଓ ସମ୍ପ୍ରଦାୟର ପାଇଁ ଆଧାତ୍ମିକତାର ବାର୍ତ୍ତା ଯୁଗେ ଯୁଗେ ପ୍ରବାହମାନ ହୋଇଛି । ଭଗବାନ ଶ୍ରୀରାମଙ୍କ କଥା ପ୍ରସଙ୍ଗରେ ଦୁଷ୍ଟମାନଙ୍କର ନିଧନ ସହିତ ସମଗ୍ର ଋଷିକୂଳକୁ ରକ୍ଷା କରିଥିଲେ । ଶାସ୍ତ୍ରରେ ଲେଖା ରହିଛି - ଦେବତାମାନଙ୍କର ସେହି ଆକୁଳ ସ୍ତବ ଓ ପ୍ରାର୍ଥନା ଶ୍ରବଣ କରି ଅଖିଳ ଜଗତର ସ୍ରଷ୍ଟା ଭଗବାନ ବିଷ୍ଣୁ ଆଶ୍ୱାସନା ପ୍ରଦାନ କରି କହିଲେ - ସମବେତ ଦେବଗଣ, ତୁମ୍ଭମାନଙ୍କର କଲ୍ୟାଣ ସାଧନ ନିମନ୍ତେ ତ୍ରିଭୁବନର ପରମ ଶତ୍ରୁ ରାକ୍ଷସ ରାବଣକୁ ପୁତ୍ର, ପୌତ୍ର, ଜ୍ଞାତି, ବନ୍ଧୁ ଓ ଅନୁଚର ବର୍ଗଙ୍କ ସହ ମୁଁ ସମୂଳେ ସଂହାର କରିବି ଏବଂ ସେଥି ନିମନ୍ତେ ମୁଁ ମର୍ତ୍ତ୍ୟରେ ମନୁଷ୍ୟ ରୂପରେ ଅବତାର ଗ୍ରହଣ କରିବି ଓ ଦୀର୍ଘ ଏଗାର ହଜାର ବର୍ଷ କାଳ ମର୍ତ୍ତ୍ୟରେ ଅବସ୍ଥାନ କରି ପୃଥିବୀକୁ ପାଳନ କରିବି । ତେଣୁ ତୁମ୍ଭେମାନେ ନିର୍ଭୟ ଚିତ୍ତରେ ବାସ କରେ ।

ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ - କ୍ରିୟାନ୍ୱିତ ଯୁଗ ସକ୍ରିୟ ନରହିଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ହେଉଛି ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟ ଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋହଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତି ପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ, ତ୍ରେତୟାରେ ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଅବତରଣ। ସେତେବେଳେ ଧର୍ମ ତିନିପାଦ ଓ ଅଧର୍ମ ଏକପାଦ। ସେତେବେଳେ ମଧ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ଦେଖାଯାଏ। ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣଙ୍କର ଅବତରଣ, ସେତେବେଳେ ଧର୍ମ ଦୁଇପାଦ ଓ ଅଧର୍ମ ମଧ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଏହି ଦୁଇ ଦିଗରେ ମନୁଷ୍ୟର ସମାନ ଝୁଙ୍କ। ପ୍ରବୃତ୍ତି ପରାମୃଷ୍ଟତା ପାଇଁ ସତ୍ତାର ଜ୍ୟୋତି କ୍ଷୀଣ। ଆଉ କଳିରେ ଧର୍ମ ଏକପାଦ ଓ ଅଧର୍ମ ତିନିପାଦ। ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ପାଇବା ଓ ଉପଭୋଗର ଦୂରନ୍ତ ଲାଳସା ଆଉ ଏହାର ନମୁନା ବର୍ତ୍ତମାନ ଚତୁର୍ଦ୍ଦିଗରେ ଦେଖାଯାଉଛି। ତ୍ରେତୟା ଯୁଗରେ ମର୍ଯ୍ୟଦାପୁରୁଷୋତ୍ତମ ଶ୍ରୀରାମଙ୍କ ପାଦସ୍ପର୍ଶରେ ପାଷାଣୀ ଅହଲ୍ୟା ଉଦ୍ଧାର ପାଇଥିଲେ। ଏହି ପ୍ରସଙ୍ଗରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶରେ ଅର୍ଥାତ୍ ଚଳନ ସ୍ପର୍ଶରେ ମାତା ଅହଲ୍ୟାଙ୍କର ପାପାଚରଣଜନିତ ବୋଧର ଅସାଡ଼ତା ଦୂରୀଭୂତ ହୋଇଥିଲା। ସତ୍ୟକାର ଭକ୍ତି ସମ୍ବନ୍ଧରେ ଆଲୋଚନା ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପ୍ରକାଶ କଲେ - ଭକ୍ତ ପ୍ରବର ହନୁମାନଜୀ ସଦାସର୍ବଦା ପ୍ରଭୁ ରାମଚନ୍ଦ୍ରଙ୍କୁ ବହନ କରିଚାଲୁଥିଲେ। ଭକ୍ତ ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହୋଇଥିଲେ ଓ ଅମର ମଧ ହେଲେ। ଭକ୍ତ ପ୍ରବର ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ପ୍ରଭୁ ରାମଚନ୍ଦ୍ରଙ୍କ ସେବା କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି, କେତେ କ'ଣ କାଣ୍ଡ କରିଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କର ପ୍ରୀତି ଉଦ୍ଦିଷ୍ଟ। ପ୍ରୀତି ପାଗଳ ଭକ୍ତ ତାଙ୍କର ପ୍ରିୟତମ ନିମିତ୍ତ ସବୁକିଛି କରନ୍ତି - ଏହା ସହିତ ଅଛି କ୍ଳେଶସୁଖପ୍ରିୟତା। ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ କ୍ଷମା କରିବାକୁ ପାଇଁ ଚାହୁଁଥିଲେ କିନ୍ତୁ ଭକ୍ତକୂଳ ତିଳକ ହୁନମାନ କେବେ ରାବଣଙ୍କୁ କ୍ଷମା କରିନାହାନ୍ତି। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଏକ ଶକ୍ତିମାନ ଦଳ ଥିଲା ପ୍ରେରିତ ପୁରୁଷଙ୍କର ପରିଷଦ ସମ୍ବନ୍ଧରେ ଆଲୋଚନା ଛଳରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ହନୁମାନ, ସୁଗ୍ରୀବ, ଜାମ୍ବୁବାନ, ଅଙ୍ଗଦ, ନଳ, ନୀଳ ଏମାନେ ସମସ୍ତେ ଥିଲେ ପ୍ରଭୁଙ୍କର ଏକ ଶକ୍ତିମାନ ଗୁଚ୍ଛ। ପ୍ରଭୁଙ୍କ ସହିତ ସଦାସର୍ବଦା ଏମାନଙ୍କ ଭିତରୁ ଜଣେ ନା ଜଣେ ଜଗି ରହୁଥିଲେ। ଏକ ସମୟରେ ରାକ୍ଷସ ରାଜା ରାବଣର ଭାଇ ବିଭୀଷଣଙ୍କୁ ଲକ୍ଷ୍ମଣ ସନ୍ଦେହ କରିଥିଲେ। ସେଥିରେ ବିଭୀଷଣ କହିଥିଲେ - ମୁଁ ଜାଣେ ତୁମ୍ଭେମାନେ ମୋତେ ସନ୍ଦେହ କରିବ କାରଣ ମୁଁ ଲଙ୍କାଧୀଶ ରାବଣର ଭାଇ। ମୁଁ ଭାଇ ହୋଇ ଭାଇ ବିରୁଦ୍ଧରେ ବିଶ୍ୱାସଘାତକତା କରିଛି କିନ୍ତୁ ଏହା କିରିଛି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ସନ୍ତୋଷ ନିମିତ୍ତ। ବିଭୀଷଣ ପ୍ରଭୁ ରାମଙ୍କୁ ବହୁତ ଭଲ ପାଉଥିଲେ। ଏପରିକି ନିଜର ପୁତ୍ର ତରଣୀସେନ ମଧ ଏହି ଭକ୍ତି ଓ ପ୍ରୀତି ପାଖରେ ତୁଚ୍ଛ ହୋଇଯାଇଥିଲା। ବାଇବେଲରେ ମହାପ୍ରଭୁ ଯୀଶୁ କହିଛନ୍ତି - ଯିଏ ମୋ ପଥରେ ଚାଲେନାହିଁ ସେ ମୋ ବିରୁଦ୍ଧରେ ରହେ। ଏହା ହିଁ ବିଭୀଷଣଙ୍କ ଚରିତ୍ରରେ ଘଟିଥିଲା। ମା'ଜାନକୀ ହନୁମାନଙ୍କୁ ମୁକ୍ତାର ମାଳା ଦେଇଥିଲେ। ଭକ୍ତକୂଳତିଳକ ହନୁମାନ ତାକୁ ନେଇ ଦାନ୍ତରେ ଛିଡ଼ାଇ ଦେଲେ କାରଣ ସେଥିରେ ରାମ ନାମ ନଥିଲା। ଅନୁଜ ଲକ୍ଷ୍ମଣଙ୍କର ପ୍ରଶ୍ନରେ ହନୁମାନ ଉତ୍ତର ଦେଇଥିଲେ ଏହି ମାଳାରେ ରାମ ନାମ ନାହିଁ। ସେତେବେଳେ ଲକ୍ଷ୍ମଣ କହିଲେ ତୁମ ଶରୀରରେ ମଧ ରାମ ନାମ ଲେଖାନାହିଁ ତେଣୁ ତାକୁ ଫିଙ୍ଗି ଦିଅ ସେତେବେଳେ ହନୁମାନ ନିଜର ବକ୍ଷ ବିଦାରଣ କରି ଦେଖାଇଥିଲେ ଯେ ତାଙ୍କ ହୃଦୟରେ ରାମ ନାମ ସଦାସର୍ବଦା ରହିଛି। ଏହି ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ପ୍ରକାଶ କରିଛନ୍ତି - ଏହାର ତାତ୍ପର୍ଯ୍ୟ ହେଉଛି ମାଳା ମଧରେ ପ୍ରଭୁ ରାମଚନ୍ଦ୍ରଙ୍କର କାର୍ଯ୍ୟରେ ଲାଗିବାର କିଛି ନାହିଁ ଆଉ ମୋ ମଧରେ ପ୍ରଭୁଙ୍କର ଉପଯୋଗୀ ଯାହା ତା' ଛଡ଼ା ଆଉ କିଛି ନାହିଁ। ଏହି ଉପରୋକ୍ତ ବର୍ଣ୍ଣନା ହେଉଛି ଏକ ଉପମା। ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କୁ ଜନୈକ ଭକ୍ତ ହନୁମାନର ସମୁଦ୍ର ଲଙ୍ଘନ ବିଷୟରେ ପ୍ରଶ୍ନ କଲେ। ଏହି ପ୍ରସଙ୍ଗରେ ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର କହିଲେ - ଏହା ମଧରେ ସତ୍ୟ ଅଛି। ଭାରତ ଓ ସିଂହଳ (ଶ୍ରୀଲଙ୍କା) ମଧରେ କେତେଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ଥିଲା। ହନୁମାନ ବୋଧହୁଏ ପହଁରି ପହଁରି ଗୋଟିଏ ଦ୍ୱୀପରୁ ଆଉ ଗୋଟିଏ ଦ୍ୱୀପକୁ ଯାଇ ଶ୍ରୀଲଙ୍କାରେ ପହଞ୍ଚିଥିଲେ। ରାମାୟଣରେ ଇଷ୍ଟ ନିଷ୍ଠାର ଚରମ ପ୍ରକାଶ ବର୍ଣ୍ଣିତ ହୋଇଛି। ଏହା ମାଧମରେ ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଜନସାଧାରଣଙ୍କୁ ଆଦର୍ଶ ପିତା, ଆଦର୍ଶ ପୁତ୍ର, ଆଦର୍ଶ ରାଜା, ଆଦର୍ଶ ଭ୍ରାତାର ଯେଉଁ ବର୍ଣ୍ଣନା ହୋଇଛି ତାହା ମାନବ ଜାତି ନିମିତ୍ତ ଚିର ଅନୁସରଣୀୟ।

+ସହ-ପ୍ରତିରତ୍ତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଦୁଃଖ ପରେ ସୁଖ...

ରାତି ପରେ ନିଶ୍ଚୟ ଦିନ ଆସିବ; ଅନ୍ଧାର ପରେ ଅବଶ୍ୟ ଆଲୁଅ ଦେଖାଯିବ ଆଉ ଦୁଃଖ ପରେ ସୁଖର ପାଳି ପଡ଼ିବ- ଏମିତି କଥାଗୁଡ଼ିକରେ ଆଶାବାଦୀମାନେ ଦୃଢ଼ ବିଶ୍ୱାସ ରଖିଥାନ୍ତି । ଏକ ମାନହାନି ମାମଲାରେ ସୁରଟର ଏକ କୋର୍ଟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଦୋଷୀ ସାବ୍ୟସ୍ତ କରି ସର୍ବାଧିକ ଦୁଇ ବର୍ଷର ଜେଲ୍ ଦଣ୍ଡ ଘୋଷଣା କରିବା ଏବଂ ଏହାର ପରିଣତି ସ୍ୱରୂପ ଶ୍ରୀଯୁକ୍ତ ଗାନ୍ଧୀ ତାଙ୍କ ଲୋକସଭା କଥନିକା ଓ ପ୍ରବାଦଗୁଡ଼ିକ କହିବା ସଙ୍ଗେ ସଙ୍ଗେ ଏହା ଉପରେ ଆସ୍ଥା ପ୍ରକଟ କରିଛନ୍ତି। କଂଗ୍ରେସର ଉକ୍ତ ନେତାଙ୍କ ଦ୍ୱାରା ଏହି ପ୍ରବାଦଗୁଡ଼ିକ ଉଚ୍ଚାରିତ ହେବାର କାରଣ ହେଉଛି, ଶ୍ରୀଯୁକ୍ତ ଗାନ୍ଧୀଙ୍କ ସାଂସଦ ପଦ ଚାଲିଯିବା ପରେ କାହା ସହିତ କାହାର ପଡୁ ନଥିବା ବିରୋଧୀ ଦଳମାନେ ବିଜେପି ବିରୋଧରେ ଏକାଠି ହୋଇ ଲଢ଼ିବାକୁ ଆଗେଇ ଆସିବା, ଯିଏକି ଦଳମାନଙ୍କ ମଧ୍ୟରେ ଏହି ଏକତା ଅଭାବର ପ୍ରମୁଖ ହିତାଧିକାରୀ ରହି ଆସିଛି । କଂଗ୍ରେସକୁ ଏହାର ଅପରିପକ୍ୱ ଆଶାବାଦ ପାଇଁ ଦୋଷ ଦେଇହେବ ନାହିଁ । ଶ୍ରୀଯୁକ୍ତ ଗାନ୍ଧୀଙ୍କ ଅଯୋଗ୍ୟ ଘୋଷିତ ହେବା ପରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ମାନେ ଏହାକୁ ଅତି କଠୋର ଶବ୍ଦରେ ନିନ୍ଦା କଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟିର ନେତା ଅରବିନ୍ଦ କେଜ୍ରିୱାଲ ମଧ୍ୟ ଏହି ସମାଲୋଚନାରେ ନିଜର ସ୍ୱର ମିଳେଇଲେ । ଏପରି ଏକ ଅବସ୍ଥା କଂଗ୍ରେସ ପାଇଁ ହୁଏତ ସୁଖଦ ହୋଇପାରେ । କାରଣ, ଆଞ୍ଚଳିକ ସ୍ତରରେ ଶତ୍ରୁତା ରହିଥିଲେ ସୁଦ୍ଧା କଂଗ୍ରେସ ଏବଂ ଏହିସବୁ ଦଳମାନଙ୍କ ଭିତରେ ସମସ୍ତଙ୍କର ଶତ୍ରୁ ପାଲଟି ଥିବା ବିଜେପି ପାଇଁ ଏମାନଙ୍କ ଭିତରର ପ୍ରେମ କମିଯାଇ ନାହିଁ । ଏଥିରେ ସନ୍ଦେହ ନାହିଁ ଯେ ପ୍ରାଚୀନ କାହାଣୀର ସେଇ କାଠିବିଡ଼ା ଭଳି ଗୋଟିଏ କାଠିକୁ ଭାଙ୍ଗିବା ସହଜ ଏବଂ ଅନେକ କାଠିକୁ ମିଶାଇ ବିଡ଼ାଏ କାଠି ତିଆରି କରିଦେବା ପରେ ତାକୁ ଭାଙ୍ଗିବା ଯେମିତି କଠିନ ହୋଇଥାଏ, ଠିକ୍ ସେମିତି ବିରୋଧୀ ଦଳମାନେ ସମସ୍ତେ ଏକାଠି ହୋଇ ପାରିଲେ ବିଜେପି ସମ୍ମୁଖରେ ଏକ ଦୁର୍ଜେୟ ଆହ୍ୱାନ ଉପସ୍ଥାପନ କରି ପାରିବେ । ବିରୋଧୀମାନଙ୍କ ଏକତା କଥା ଉଠିଲେ ଏକଥା କୁହାଯାଇପାରେ ଯେ ଜାତୀୟ ସ୍ତରର ଏକ ବିରୋଧୀ ଦଳ ପାଲଟିବା ପାଇଁ ସେମାନଙ୍କ ଭିତରେ ସାମ୍ମୁଖ୍ୟଟିଏ ସୃଷ୍ଟି ହେବାକୁ ଯେଉଁ ମନୋଭାବର ଆବଶ୍ୟକତା ରହିଛି, ତାହା ରାଜ୍ୟ ମାନଙ୍କ ସ୍ତରରେ ସେମାନଙ୍କ ଭିତରେ ରାଜନୀତିକ ଶତ୍ରୁତା କାରଣରୁ ବ୍ୟାହତ ହେଉଛି । ଉଦାହରଣ ସ୍ୱରୂପ, ତୃଣମୂଳ କଂଗ୍ରେସ ନିକଟରେ ପଶ୍ଚିମବଙ୍ଗରେ ଏକ ଉପନିର୍ବାଚନରେ ପରାଜୟ ବରଣ କରିବା ପରେ ଉତ୍ୟକ୍ତ ହୋଇ ପଡ଼ିଛି, ଯେଉଁଠି ବାମପନ୍ଥୀ ଦଳ ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ଯୋଗୁଁ ଏହାକୁ ଉକ୍ତ ଦୁର୍ଦ୍ଦଶା ଦେଖିବାକୁ ପଡ଼ିଲା । ତେଣୁ ଏହାର ନେତ୍ରୀ କଂଗ୍ରେସର ନେତାମାନଙ୍କ ସଙ୍ଗେ ବର୍ତ୍ତମାନ ଦିଲ୍ଲୀରେ ଏକାଠି ବସି ଭୋଜନ କରିବା କଦାଚିତ୍ ସମ୍ଭବପର । ଠିକ୍ ସେମିତି ଶ୍ରୀଯୁକ୍ତ ଗାନ୍ଧୀଙ୍କ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଯେଉଁ ସିପିଆଇ (ଏମ୍) ବିଜେପିକୁ କଟୁ ସମାଲୋଚନା କରିଛି, କେରଳରେ ତା'ର କଂଗ୍ରେସ ସହିତ ଅତି ତିକ୍ତ ଶତ୍ରୁତା ରହିଛି । ସେମିତି ଏଇ କିଛି ମାସ ପୂର୍ବେ ଶ୍ରୀଯୁକ୍ତ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଏବଂ କଂଗ୍ରେସ ଭିତରେ ପଞ୍ଜାବ ଓ ଦିଲ୍ଲୀ ନିର୍ବାଚନରେ କଡ଼ା ପ୍ରତିଦ୍ୱନ୍ଦିତା ହୋଇଥିଲା । ଏସବୁ ବାଦ୍ ବିରୋଧୀମାନଙ୍କ ମଧ୍ୟରେ ଏକତା ପ୍ରକାଶ ପାଇବା ଏବଂ ବିଜେପି ବିରୋଧୀରେ ସ୍ୱର ଉତ୍ତୋଳନନ କରିବା ନିମନ୍ତେ ଆଦର୍ଶଗତ ପ୍ରତିବନ୍ଧକମାନ ମଧ୍ୟ ରହିଛି । ଉଦାହରଣ ଭାବରେ ନିଆଯାଇପାରେ ମହାରାଷ୍ଟ୍ରର ଉଦ୍ଧବ ଠାକ୍‌ରେଙ୍କୁ । ମହାରାଷ୍ଟ୍ରରେ ବର୍ତ୍ତମାନ ନିଜର ହୃତ ଗୌରବ ଫେରି ପାଇବାକୁ ଆତୁର ହେଉଥିବା ଉଦ୍ଧବ ଠାକ୍‌ରେ ମାତ୍ର କିଛି ମାସ ପୂର୍ବେ ଭିଡି ସଭରକରଙ୍କ ଉପରେ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟର ପ୍ରତିବାଦ କରି ସାରିଥିବା କଥା ତ ଊଣା ଅଧିକେ ସମସ୍ତଙ୍କୁ ଜଣା । ସୂଚନାଯୋଗ୍ୟ ଯେ ଶ୍ରୀଯୁକ୍ତ ଠାକ୍ରଙ୍କ ଅବିଭାଜିତ ରୂପର ଶିବସେନା ଦଳ ମହାରାଷ୍ଟ୍ରରେ କଂଗ୍ରେସର ମିତ୍ର ଦଳ ଭାବରେ ଶାସନ କରିଥିଲା। ତେବେ ବର୍ତ୍ତମାନ ଶିବସେନା ବିଭାଜିତ ଏବଂ ଠାକରେ କ୍ଷମତାରେ ନାହାନ୍ତି । ସେ ଯାହାହେଉ, ବିରୋଧୀମାନଙ୍କ ମଧ୍ୟରେ କଂଗ୍ରେସକୁ ନେଇ ରାଜନୀତିକ ପ୍ରତିଯୋଗିତା ଏବଂ ଆଦର୍ଶଗତ ପାର୍ଥକ୍ୟର ସମଷ୍ଟି ବିଜେପିର ବିରୋଧୀମାନଙ୍କ ମଧ୍ୟରେ ଏକ ବ୍ୟାପକ, ସ୍ଥାୟୀ ମେଣ୍ଟ ପ୍ରତିଷ୍ଠାର ସମ୍ଭାବନାକୁ ନାସ୍ତିବାଚକ ଦିଗରେ ନେଇ ଯାଉଛି । ଲୋକସଭାରୁ ଶ୍ରୀଯୁକ୍ତ ଗାନ୍ଧୀଙ୍କ ବହିଷ୍କାର ବିରୋଧୀମାନଙ୍କୁ ଯୋଡ଼ିବା ନିମନ୍ତେ ଏକ ଅଠା ଭାବରେ କାମ କରିବାର ସମ୍ଭାବନା କ୍ଷୀଣ। ଦୁଃଖର କଥା, ବିଜେପି ଶାସନ କ୍ଷମତାକୁ ଆସିବାର ଏଇ ଆଠ ବର୍ଷରୁ ଅଧିକ ସମୟ ଭିତରେ ଏହାକୁ ସିଂହାସନଚ୍ୟୁତ କରିବାକୁ ବିରୋଧୀମାନେ କୌଣସୁ ଉପାୟ ପାଇପାରି ନାହାନ୍ତି; ନା ଅଛି ସେମାନଙ୍କ ନିକଟରେ ବିଜେପିକୁ ପରାଭୂତ କରିବାକୁ କାହା ପାଖରେ କୌଣସି ପ୍ରକାରର ଯାଦୁକରୀ ଶକ୍ତି । ଆଉ ବର୍ତ୍ତମାନ ସମ୍ଭବତଃ କେବଳ ଏଇ ଏକମାତ୍ର ଘଟଣା, ଅର୍ଥାତ୍ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ସାଂସଦ ପଦ ହରାଇବା ଏବଂ ସେହି ପରିପ୍ରେକ୍ଷୀରେ ବିରୋଧୀମାନେ ବିଜେପିର ସମାଲୋଚନା କରିବାକୁ କଂଗ୍ରେସ ନିରାଶାର ଘନ ଅନ୍ଧକାର ମଧ୍ୟରେ ଆଶାର ଏକ କିରଣ ଭାବରେ ପାଇଛି ।

# ଧର୍ମର ବିଗ୍ରହ ଶ୍ରୀରାମ



**ଗଙ୍ଗାଧର ସାମଲ**



ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି - 'କବନ ସୋ କାଜ କଠିନ ଜ୍ ମାହିଁ। ଜୋ ନାହିଁ ହୋଇ ତାତ ତୁମହ ପାହିଁ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ। ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି। ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି। ଆମ ଭିତରେ ମଧ୍ୟ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି। ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡ଼ୁଛୁ। ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ। ନିରାଶା ଆମକୁ ଚାରିଦିଗରୁ ଘେରିଯାଏ। ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ। ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇ ପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ। ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା। ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବତ ଭଳି ବିଶାଳକାୟ ହୋଇଯାଇଥିଲା। ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ୍ୟ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ।

ଆତ୍ମା ହିଁ ପରମାତ୍ମା। ସୋଽହମ। ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି। ଯାହାରଅର୍ଥ ମୁଁ ହିଁ ସେହି। ମୁଁ ହିଁ ଭଗବାନ। ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ। ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ। ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି। ଶ୍ରୀରାମ ମଧ୍ୟ ଏପରି ଲୋକର ସହାୟତା କରୁଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ୍ୟ ବ୍ୟତିବ୍ୟସ୍ତ ହୁଏନାହିଁ। ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ। ସେଥିପାଇଁ ରାମଚରିତମାନସରେ କୁହାଯାଇଛି - ରାଜୀବ ନୟନ ଧରେଁ ଧନୁ ସାୟକ। ଭଗତ ବିପତି ଭଞ୍ଜନ ସୁଖଦାୟକ। ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ। ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ। ଆମ ଭିତରେ ଅପାର ଶକ୍ତି ରହିଛି। ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା। ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାର ଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା। ଏଥିରେ ବିବ୍ରତ ନ ହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ। ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ରକରି ଶର ଚଳାଇଲେ। ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା। ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା। ସନ୍ଥ କର କହିଛନ୍ତି କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି। ଏସେ ଘଟ ଘଟ ରାମ ହୈ ଦୁନିଆ ଦେଖେ ନାହିଁ। ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ। ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନି ପାରିନଥାଉ। ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି ନିଜ ଭିତରକୁ ଦେଖ - ନିଜକୁ ଜାଣ। ଶ୍ରୀରାମଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି 'ଜାନତ ତୁମହିଁ ତୁମହିଁ ହୋଇ ଜାଇ'। ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି।

ଆମ ଭିତରେ ଅସୀମ ଶକ୍ତି ରହିଛି। ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବ ଅତ୍ୟନ୍ତ ଜରୁରୀ। ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟକରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ। ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ୍ୟ ନଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ। ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ। ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ। ଯଦି ଆମ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି। ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ। ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ। ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି। ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ୍ୟ ଦୁର୍ବଳ ହୋଇଯାଏ। ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ୍ୟ ସକ୍ରିୟ ହୋଇଯାଏ। ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ। ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ। ଶ୍ରୀରାମ ମଧ୍ୟ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ। ଗରିବ, ଦୁଃଖୀ, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ। ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ୍ୟ ସେ ସଂଯମ ବଜାୟ ରଖିଥିଲେ। ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ୍ୟ ଆବଶ୍ୟକତା ରହିଛି। ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ, ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ। ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ-ଅଛୁଆଁ, ଧନୀ-ଗରିବ, ଉଚ୍ଚ-ନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା। ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ। ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି 'ରାମଃ ଦ୍ୱିର୍ନ ଭୋ' - ରାମ ଦୁଇ ଥର କହନ୍ତି ନାହିଁ। ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା। ଏହି ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ। ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନର ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ।


ମାଣିକପାଟଣା, ଆଳି,
କେନ୍ଦ୍ରାପଡ଼ା,
ମୋ: ୯୪୩୭୨୨୬୬୪୭


# ରାମ ନବମୀ ଓ ରାମଙ୍କ ଚରିତ୍ର

**ବିପିନ ବିହାରୀ ରାଉତ**





ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମ ଦିନକୁ ରାମ ନବମୀ ଭାବେ ପାଳନ କରାଯାଏ । ଜନ୍ମାଷ୍ଟମୀ ବା ହରିଜନ୍ମ ପରି ରାମ ନବମୀ ଏକ ସର୍ବଭାରତୀୟ ସ୍ତରର ହିନ୍ଦୁ ପର୍ବ । ଏହା ସର୍ବତ୍ର ମହା ସମାରୋହରେ ପାଳନ କରାଯାଏ । ଚୈତ୍ର ଶୁକ୍ଳ ପକ୍ଷ ନବମୀ ହେଉଛି 'ରାମ ନବମୀ' । ଜନ୍ମାଷ୍ଟମୀ ତୁଳନାରେ ରାମ ନବମୀର ପ୍ରଚଳନ ପ୍ରାଚୀନ । କାରଣ ଭଗବାନ ବିଷ୍ଣୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ରୂପେ ଜନ୍ମ ହୋଇଥିଲେ ଏବଂ ଏହାର ବହୁ ପୂର୍ବରୁ ତ୍ରେତା ଯୁଗରେ ସେ ଶ୍ରୀରାମ ରୂପେ ପ୍ରକଟ ହୋଇଥିଲେ । ତ୍ରେତା ଯୁଗରେ ଲଙ୍କା-ନରେଶ ରାବଣଙ୍କ ନେତୃତ୍ୱରେ ଅସୁରମାନେ ଶକ୍ତିଶାଳୀ ହୋଇ ମଣିଷ ତଥା ମୁନି-ଋଷିଙ୍କ ଉପରେ ଅତ୍ୟାଚାର ଚଳାଇଥିଲେ । ଦେବତାମାନେ ସୁଦ୍ଧା ଅସୁରଙ୍କ କବଳରୁ ସୁରକ୍ଷିତ ନଥିଲେ। ମାନବ ଭିନ୍ନ ଅନ୍ୟ କାହା ହାତରେ ରାବଣ ନିହତ ହେବେନାହିଁ, ବୋଲି ବ୍ରହ୍ମା ବର ଦେଇଥିଲେ । ଏଣୁ ଦେବତା ଗନ୍ଧର୍ବ, ମୁନି-ଋଷି ଓ ମଣିଷ ରାବଣଙ୍କ ବିନାଶ ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ । ରାବଣଙ୍କୁ ବଧ କରିବା ପାଇଁ ବିଷ୍ଣୁ ମାନବ ରୂପ ଧାରଣ କରିଥିଲେ । ସେ ନିଜକୁ ଚାରି ଭାଗରେ ବିଭକ୍ତ କରି ମହାରାଜା ଦଶରଥଙ୍କ ପୁତ୍ରଗଣ ଭାବେ ଜନ୍ମ ନେବାକୁ ନିଷ୍ପତ୍ତି ନେଇଥିଲେ । ସେହି ସମୟରେ ଅପୁତ୍ରିକ ଦଶରଥ, ବିଭାଣ୍ଡକ ମୁନିଙ୍କ ପୁତ୍ର ଋଷ୍ୟଶୃଙ୍ଗଙ୍କ ପୌରୋହିତ୍ୟରେ ସନ୍ତାନ ଲାଭ ପାଇଁ ଯଜ୍ଞ କରୁଥାନ୍ତି । ପୂର୍ଣ୍ଣାହୁତି ପରେ ଯଜ୍ଞ କୁଣ୍ଡ ଭିତରେ ସୁବର୍ଣ୍ଣ ପାତ୍ର ଧରି ଆବିର୍ଭୂତ ହେଲେ ଜଣେ ଦିବ୍ୟ ପୁରୁଷ । ନିଜକୁ ଭଗବାନଙ୍କ ଦୂତ କହି ସେ ପାତ୍ରଟିକୁ ଦଶରଥଙ୍କ ହାତରେ ଦେଲେ । ସେଥିରେ ଥିଲା ଦିବ୍ୟ ପାୟସ । ଦଶରଥ ତାହାର ଅର୍ଦ୍ଧେକ ରାଣୀ କୌଶଲ୍ୟାଙ୍କୁ ଦେଲେ । ଅବଶିଷ୍ଟ ପାୟସକୁ ଦୁଇ ଭାଗ କରି, ଅଧା ଦେଲେ ସୁମିତ୍ରାଙ୍କୁ । ବଳକା ପାୟସକୁ ପୁନର୍ବାର ଦୁଇ ଭାଗ କରି ଦେଇଥିଲେ କୈକେୟୀ ଓ ସୁମିତ୍ରାଙ୍କୁ । ସେହି ଦିବ୍ୟ ପାୟସ ପାନ କରି ପ୍ରଥମେ ଜାତ ହୋଇଥିଲେ ପ୍ରଭୁ ଶ୍ରୀରାମ ଏବଂ ପରେ ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଭରତ । ପବିତ୍ର ଶ୍ରୀରାମ ନବମୀ ଭାରତୀୟ ଆଧ୍ୟାତ୍ମିକ ଚେତନାରେ ଏକ ସ୍ୱତନ୍ତ୍ର ଦିବସ। ସମଗ୍ର ଭାରତରେ ସହର, ଗ୍ରାମାଞ୍ଚଳ ସବୁଠି ଦେବାଳୟରେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥାଏ।

ଚୈତ୍ର୍ୟମାସ ଶୁକ୍ଳପକ୍ଷ ନବମୀ ବା ରାମ ନବମୀ ଦିନ ଭଗବାନ ଶ୍ରୀରାମ ଚନ୍ଦ୍ର ଜନ୍ମ ଗ୍ରହଣ କରିଥିଲେ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ଏହି ଦିନ ହିଁ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ହୋଇଥିଲା । ବାଲ୍ମିକୀ ରାମାୟଣ ଓ ତୁଳସୀ ଦାସଙ୍କ ରାମଚରିତ ମାନସ ସମେତ ଅନ୍ୟ ପୌରାଣିକ ଗ୍ରନ୍ଥରେ ଶ୍ରୀରାମଙ୍କ ଚରିତ୍ର ବିଷୟରେ ବର୍ଣ୍ଣନା ରହିଛି । ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଚରିତ୍ର, ଆଦର୍ଶ ଓ ତାଙ୍କ ଜୀବନୀ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ । ଭଗବାନ ଶ୍ରୀରାମଚନ୍ଦ୍ର ବିନୟୀ, ଦୟାବାନ, ସାହାସୀ ତଥା ଉତ୍ତମ ବ୍ୟକ୍ତିତ୍ୱ ସମ୍ପନ୍ନ ଥିଲେ । ତାଙ୍କ ଭଳି ହୋଇପାରିବା ହୁଏତ କଠିନ ହୋଇପାରେ, ମାତ୍ର ଅସମ୍ଭବ ନୁହେଁ । ଭଗବାନ ହୋଇ ମଧ୍ୟ ସେ ମନୁଷ୍ୟ ରୂପରେ ଜନ୍ମ ନେଇଥିଲେ । ଉତ୍ତମ ଚରିତ୍ର ଧାରଣ କରି ସେ ପୁରୁଷୋତ୍ତମ ହୋଇପାରିଥିଲେ । ତାଙ୍କ ଭଳି ଚରିତ୍ର ଧାରଣ କରିବା ଅନ୍ୟ ମନୁଷ୍ୟଙ୍କ ପାଇଁ ଅସମ୍ଭବ ନୁହେଁ । ଏହା ସେ ପ୍ରମାଣିତ କରିପାରିଥିଲେ । ମନର ଦୃଢ଼ତା ଓ ସହଜତା ଦ୍ୱାରା ରାମଙ୍କ ଭଳି ଚରିତ୍ର ଧାରଣ କରିବା ସମ୍ଭବ । ଭଗବାନ ହୋଇ ମଧ୍ୟ ମନୁଷ୍ୟ ରୂପରେ ସେ କୌଣସି ଚମତ୍କାରୀତା ଦେଖାଇନଥିଲେ । ବରଂ ମନୁଷ୍ୟ ଜନ୍ମର ମର୍ଯ୍ୟାଦା ଭିତରେ ରହି ପୁରୁଷୋତ୍ତମ ବୋଲାଇ ପାରିଥିଲେ । ନିୟମର ପାଳନ, ଶିଖିବାର ଇଚ୍ଛା, ଆପଣେଇ ନେବାର ପ୍ରବୃତ୍ତି, ପ୍ରତିଶ୍ରୁତିବଦ୍ଧତା, ଅନୁଶାସିତ ତଥା ମର୍ଯ୍ୟାଦାସମ୍ପନ୍ନ ଜୀବନ, ପ୍ରକୃତିର ଶୁଦ୍ଧତା, ଚରିତ୍ରରେ ସ୍ୱଚ୍ଛତା, ହୃଦୟରେ ନିର୍ମଳତା ଆଦି ଗୁଣ ଥିଲା ରାମଚନ୍ଦ୍ରଙ୍କ ଭୂଷଣ । ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସବୁ ଗୁଣ ଧାରଣ କରିହେବ ଏହା ଶ୍ରୀରାମ ପ୍ରମାଣିତ କରିଯାଇଛନ୍ତି ।


ଶ୍ରୀବିହାର କଲୋନୀ, କଟକ,
ମୋ: ୯୪୩୭୬୬୬୪୫୩




## ପ୍ରେମିକର ଆତ୍ମଲିପି

**ଜିତୁ ପ୍ରଧାନ**



ତୋତେ ଭଲ ପାଇ ହଜେଇଲି ମୋର
ହଜାରେ ଜହ୍ନର ରାତି
ତୋ ଦେହରେ ପ୍ରିୟା ଆଜିବି କୁହୁଳେ
ପ୍ରଣୟ ବିଭୋର ତାତି .....।

ପ୍ରେମ ମାନେ ଖାଲି ବିରହ ଯନ୍ତ୍ରଣା
ପାଇଲି ତୁମଠୁ ଯାହା
ଜାଳିବା ଆଗରୁ ଜଳି ଯାଉଛି ମୁଁ
ଛାତିର ଅଧେଖା ରାହା.........।

ଯେତେ ମିଠା ମିଛ ଶୁଣିଛି ତୁମଠୁ
ତରଳି ଯାଇଛି ହୃଦ
କୁସୁମ ଦେହରେ ଭଅଁର ବସିଲେ
ଯେତିକି ଦବଇ ପାଦ........।

ସେ ଯନ୍ତ୍ରଣା ଆଜି ମନ ମଶାଣିରେ
ଜଳାଉଛି ଅନୁରାଗ
କଟା ଦେହ ସିନା ଶୁଖିଗଲା ସାଥୀ
ତଥାପି ଶୁଖିନି ଦାଗ........।।

ତମ ପାଇଁ ଯାହା ଚାରିଦିନ ଖେଳ
ଲେଖିନାହିଁ ଇତିହାସ
ମୋ ପାଇଁ ସେଥିରେ ସାଇତି ହୋଇଛି
ଯୁଗ ଯୁଗ ଅବସୋସ........।

ସେ ଦେହରୁ ଦିନେ ସରିଯିବ ସବୁ
ଯଉବନ ଉପହାର
ପଢ଼ିବ ସେଦିନ ମୋର ଆତ୍ମ ଲିପି
ଶୁଭୁଥିବ ହାହା କାର ........।


ଓଡ଼ିଆ ସାହିତ୍ୟ ଛାତ୍ର
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୭୬୮୧୦୪୪୮୬୪


## କେଉଁଠି ଅଛି ଶାନ୍ତି

**ରତ୍ନାକର ରାଉତ**



ଗାଡ଼ି, ମୋଟର, ଟ୍ରେନର ବିକଟାଳ ଶବ୍ଦ
କର୍ଣ୍ଣପଟ୍ଟହକୁ ଅବିରତ ଆନ୍ଦୋଳିତ କରୁଛି ।
ମଣିଷ ସ୍ୱପ୍ନ ଦେଖୁଛି,
ଏଠି ନହେଲା ନାହିଁ
ସେ ଶାନ୍ତି ପାଇଁ ଚାଲିଯିବ ବଣ ଅରମାଘେରା
ପାହାଡ଼ ଜଙ୍ଗଲ ଭିତରକୁ,
ଦିବା ସ୍ୱପ୍ନ ଦେଖୁଛି ।

ସେ ଜାଣେନିକିବା ଜାଣି ଅଜଣା
ସେଠି ପ୍ରତିନିୟତ ପାହାଡ଼ ପେଟରେ
ଖଞ୍ଜା ଚାଲିଛି ଡିଜାମାଇଟ୍
ମଣିଷର ଚିର ବାଂଛିତ ସ୍ୱପ୍ନ ଲୁଣ୍ଠିତ ହେଉଛି,
ତ୍ରସ୍ତ ବିଦୀର୍ଣ୍ଣ କରି ବନଭୂଇଁର କଅଁଳ ଛାତି
ବିସ୍ଫୋରଣ ଥରେଇ ଦେଉଛି ପାହାଡ଼ର ପାଷାଣ ବୁକୁ
ଖଣ୍ଡବିଖଣ୍ଡ ହୋଇ ବିଦୀର୍ଣ୍ଣ ହୋଇଯାଉଛି
ପାହାଡ଼ର ଅବୟବ ।

କେବେ କେବେ ଶିକାରୀରେ ଗୁଳିମାଡ଼ରେ
କଂପି ଉଠୁଛି ବନଭୂଇଁର ମୁନିମଜଜିଣା ନିର୍ଜନତା
ତାଜା ତତଲା ରକ୍ତରେ ତିନ୍ତୁଛି
ଅନୂଢ଼ା ବଣ କୁଆଁରୀର କୋମଳ ଅବାଠ ।
ରାଜନୀତିଆଙ୍କ କୁଚକ୍ରୀ ହାତର ଖେଳ
ପ୍ରକୃତି ଦତ୍ତ ବନ୍ୟ ସଂପଦପାଇଁ ହୋଇଛି କାଳ ।
ଚୋର ବେପାରୀଙ୍କ ନୃଶଂସ ଧର୍ଷଣରେ
ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଉଛି ଅଗନା ଅଗନି ବନସ୍ତ
ଟାଙ୍ଗରା ପାହାଡ଼ ସବୁ ମୁଣ୍ଡିଆ ହୋଇ ପଡ଼ିରହୁଛି
ନିଘଞ୍ଚ ଜଂଗଲର ଧ୍ୱଂସ ସ୍ତୁପ ଉପରେ ।

ଚିର ନିନାଦିନୀ କୁଳୁକୁଳୁ ଝରଣା
ନଦୀ ବକ୍ଷର କାଚକେନ୍ଦୁ ପାଣି
ଆଜି ସ୍ୱପ୍ନ,
ତାହା ଆଉ ଜୀବନର ଉତ୍ସ ହୋଇ ରହିନାହିଁ
ବିଷାକ୍ତ କେମିକାଲର ବିଷ ପ୍ରକ୍ରିୟାରେ
ପ୍ରଗତିର ଦ୍ୱାହି ଦେଉଦେଉ
ବାଜି ଲାଗିଯାଉଛି କୋଟି କୋଟି ନିରୀହ ଜୀବନ ।

ଆଖି ଫେରେଇଲେ ଉପକୂଳ ବେଳାଭୂମି ଆଡ଼େ
ଅନନ୍ତ ଜଳରାଶି ପରିବ୍ୟାପ୍ତ, ବିସ୍ତୃତ, ଅସୀମ
ସମୁଦ୍ର ବଙ୍ଗର ଦୃଶ୍ୟ ଆହୁରି ଭୟାନକ,
ଲୋମହର୍ଷଣକାରୀ ।
ଖାଦ୍ୟର ଚାହିଦା ପାଇଁ ଅବିଚାରିତ ଭାବେ
ଶିକାର ହେଉଛନ୍ତି ସାମୁଦ୍ରିକ ଜୀବ
ନୀଳ ବିଚିମାଳାରେ ଫେଂଜାୟିତ କବରୀକୁ
ଉଦଗ୍ର କ୍ଷୁଧାର ରାହୁ ଗ୍ରାସ କରିଛି
ଅତି ନିର୍ଲଜ ଭାବେ,
ଲୁଣ୍ଠନ ଚାଲିଛି ସମୁଦ୍ର ସଂପଦ ଅହର୍ନିଶ
ସେଥିପାଇଁ ରକ୍ତକ୍ଷୟୀ ପ୍ରତିଦ୍ୱନ୍ଦିତାର
ଉଦାହରଣ କିଛି କମ ନୁହେଁ ।

ସଗର ବକ୍ଷରେ ମିଜାଇଲର ପୁନଃପୁନ ପରୀକ୍ଷଣ
ତାର ଶାନ୍ତ ବୁକୁରେ ସୃଜୁଛି ଅଶାନ୍ତିର ଦାବାନଳ,
ଦେଶ ଦେଶ ଭିତରେ ପ୍ରତିଯୋଗିତାର ରଣଭୂଇଁ
ପାଲଟିଛି ବିପୁଳ ସାଗରର ବକ୍ଷ ।
ରଣତରୀର ଭିଡ଼ରେ ନିତିପ୍ରତି ସମରସଜ୍ଜା ଚାଲିଛି ।

ଅନ୍ତରୀକ୍ଷରେ ମିଜାଇଲର ଭିଡ଼
ବ୍ୟୋମଯାନ, ଯୁଦ୍ଧଯାନ, ଉପଗ୍ରହ
କେତେ କାହାର ଅବାରିତ ଚଳପ୍ରଚଳ
ଆକାଶ ବକ୍ଷ ହୋଇଉଠିଛି ଅଶାନ୍ତ ।
ପାତାଳର ବୁକୁ ମଧ୍ୟ ବାଦ ଯାଇନି
ଜଘନ୍ୟ ମଣିଷମାନଙ୍କ ଲୋଲୁପ ଦୃଷ୍ଟିରୁ
ସେଠାରେ ଚାଲିଛି କେତେକେତେ ପରୀକ୍ଷା ନିରୀକ୍ଷା
ମଣିଷକୁ ମାରିବାର ସୂକ୍ଷ୍ମାତିସୂକ୍ଷ୍ମ ଅଣୁ ପରମାଣୁରୁ
ସୃଷ୍ଟି କରାଯାଉଥିବା ଆଗ୍ନେୟାସ୍ତ୍ର ।
ସର୍ବଂସହା ଧରିତ୍ରୀ ମାତାର ଗର୍ଭରେ ଖଞ୍ଜା ଯାଉଛି
ମଣିଷ ଜାତିକୁ ନିପାତ କରିବାର ଅମୋଘ ଆୟୁଧ
ପରମାଣୁ ବିକ ଯୁଦ୍ଧାସ୍ତ୍ର ।

ସବୁଠି ମଣିଷର ଅପ୍ରତିହତ ଲାଳସାର
ଉଦଣ୍ଡ ଅଭିସାର,
କେଉଁଠି ଅଛି ଶାନ୍ତି,
ତା ପାଇଁ ପରିବ୍ୟାପ୍ତ ନିରାମୟ ପୃଷ୍ଠାଭୂମି,
ଜୀବନକୁ ସ୍ୱାଚ୍ଛନ୍ଦ୍ୟରେ ଜିଇଁବା ପାଇଁ
ସ୍ଥାନଟିଏ ଏବେ ଦୁନିଆରେ ?


ରଚନାକାଳ: ୧୯୮୮ ମସିହା, ତାଳଚେର
ଭୁବନେଶ୍ୱର


## ଚକ୍ରାନ୍ତ

**ଦୀପକ କୁମାର ମିଶ୍ର**

ପାହାଚରୁ ଓହ୍ଲେଇ ଆସୁଚି ସ୍ୱପ୍ନ
ଘାସ ଗାଲିଚାରେ କିନ୍ତୁ
ନାହିଁ ଆଉ ସ୍ଥାନ ।

ବାରୁଣୀଘାଟର ସବୁ ବୁଡ଼
ଯାଏ ବେକାର
ସବୁ ନିଦ କରନ୍ତି ଆହାକାର
ଅହଂକାର ଆତ୍ମଗୋପନ
କରିବାକୁ ଖୋଜେ ଅନ୍ଧକାର
ମୁଁ ବି ଖୋଜେ ମୃତ୍ୟୁ
ଶବ ପାଇଁ ଲେଖା ହେଉଛି ହୁକୁମ୍
ପ୍ରାଣଦାନ କରି ମାରିଦେବାର
ଗୋଟେ ଅଭିନ୍ନ ପ୍ରୟାସ ।

ଅଭିନନ୍ଦନର ଚକ୍ରାନ୍ତ ତଳେ
ଲୁଚି ରହିଚି ଗୋଟେ ଫଣା
ସ୍ୱପ୍ନ ଓହ୍ଲାଅନା ଆଉ
ଥାଅ ବରଂ କଳ୍ପନାରେ
ନିଶ୍ଚଳ ନିଦର ତାଳରେ
ଆପେକ୍ଷକର ତିଳେ
ଜାରିହେଉ ଆଉ ଗୋଟେ
ନୂଆ ସକାଳର ଫରମାନ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦







# ଫରକ

## ରତ୍ନକାନ୍ତି ମିଶ୍ର



|| ଏକ ||

ଝିଅ ଦେଖିବାକୁ ଲୋକମାନେ ଆସିବେ। ସରଳାକୁ ଖୋଜା ପଡ଼ିବା ସ୍ୱାଭାବିକ। ଶାଶୁ ଶ୍ୱଶୁର ନଥିଲେ ତ ଶାନ୍ତ ସ୍ୱଭାବର ସ୍ୱାମୀ, ସରଳାକୁ ତା' ଭାଇଙ୍କ ସାଙ୍ଗରେ ପଠେଇ ଦେଇଥିଲେ। ଗାଁ କନିଆ ସିଂଘାଣି ନାକୀ। ତା'ର କ'ଣ ବାପଘରେ ଥାଏ ଇଜ୍ଜତ ! ବାସନା ମଜା, ଘର ଓଳା ଆଦି କାମରେ ଲଗେଇ ଦେଲେ ଭାଉଜ। ତାକୁ ଫୁରସତ୍ ନଥିଲା।

-' ସରଳା, ଆଉ ଚାରି କପ୍ ଚା' ବସେଇଲୁ। ତୋ ହାତର ଚା' ପିଇ ସେମାନେ ଭାରି ଖୁସି। ବାହାରିବା ବେଳକୁ ମାଗିଲେଣି ଚା' ଆଉଥରେ।' ଭାଇ ଆସି କହିଲେ ହସି ହସି।

ହେଲେ କ୍ଷୀର କମ୍ ଅଛି। ସରଳା କ'ଣ କରିବ ଭାବିବା ଭିତରେ ଆସି ପହଞ୍ଚିଲେ ଭାଉଜ। ସବୁ କଥା ଶୁଣି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେମିତି ରକ୍ତମୁଖା ହୋଇ ପଡିଲେ।

-' ମୂର୍ଖ ଲୋକଙ୍କୁ ଯେଉଁ କାମ ଦେଲେ ସେଥିରେ ଅସୁବିଧା। ଭାଗ ମାପ କରି ଆଗରୁ ସିନା କ୍ଷୀର ଆଉ ପାଣି ଦେଇଥିଲେ ହୋଇଥାନ୍ତା। ପିଲାଦିନୁ ଗୋବର ଚକଟି, ଘଷି ପାରି ମୁଣ୍ଡରେ ସେଇ ଗୋବର ଭର୍ତ୍ତି ହୋଇ ଯାଇଛି ବୋଲି କିଏ ଜାଣିଥିଲା ?'

ସରଳା ଏକମୁହାଁ ହୋଇ ଫେରି ଆସିଥିଲା ସେଇ ଜାଗାରୁ। ବନ୍ଧୁ ଫେରିଗଲା ପରେ ଭାଇ ତା ପାଖକୁ ଆସି 'ଭାଉଜ ପରା ପରଝିଅ, ସେ କ'ଣ ତୋତେ ଠିକ୍ ବୁଝି ପାରିବ' କହି ବୁଝେଇ- ବାକୁ ଚେଷ୍ଟା କରିଥିଲେ। ହେଲେ ଅଭିମାନରେ ଦିନେ ଦୁଇ ଦିନ ପର୍ଯ୍ୟନ୍ତ କାନ୍ଦି କାନ୍ଦି ଆଖି, ମୁହଁ ଟବଟବ ହୋଇ ଯାଇଥିଲା ସରଳାର...!

|| ଦୁଇ ||

ଝିଆରିର ବାହାଘରକୁ ଭାଇ ଆସି ତାଙ୍କ ଘରକୁ ନେଇ ଯାଇଥିଲେ ସରଳାକୁ। ଜୋଇଁଙ୍କୁ ମୁଦି ପିନ୍ଧେଇବାକୁ ହାତେ ଓଢ଼ଣା ଟାଣି ସରଳା ଯାଇଥିଲା ବେଳେ ଭାଇ ଆଦରର ଭଉଣୀକୁ ବନ୍ଧୁମାନଙ୍କ ସହିତ ପରିଚୟ କରାଇ ଦେଇଥିଲେ।

-' କ'ଣ ଦରକାର ଥିଲା ବନ୍ଧୁମାନଙ୍କ ଆଗରେ ଗେହ୍ଲା ଭଉଣୀର ପରିଚୟ କରାଇବା ? ଭଦ୍ର ସମାଜ ଆଗକୁ ଯିବାର ଥିଲେ ମଣିଷ ନିଜର ରୂପରେଖ ସଜାଡି ରଖିବା ଦରକାର।' ଭାଇ ସବୁ ଶୁଣି ନିରବ ରହିଲେ।

-' ମା, ତୁମର ଶାଢୀ ଖଣ୍ଡେ ଅନ୍ତତଃ ତାଙ୍କୁ ଆଗରୁ ପିନ୍ଧିବାକୁ ଦେଇ ପାରିଥାନ୍ତ ! ସବୁ ଦୋଷ ତୁମର ।' ଭାଇ ନିଜ ଝିଅର ଏ କଥା ଶୁଣି ସରଳା ଆଡକୁ ନିରୀହ ଦୃଷ୍ଟି ପକାଇ କିଛି ନଜାଣିବା ପରି ବାହାରି ଗଲେ ।

ସରଳାକୁ ନିଜ ପାଇଁ ଯେତେ ଦୁଃଖ ଲାଗୁଥିଲା ତାଠାରୁ ବେଶୀ ଦୁଃଖ ଲାଗୁଥିଲା ସ୍ୱାମୀଙ୍କ ପାଇଁ।ସମାସ୍କନ୍ଧ ନୁହନ୍ତି ବୋଲି ଝିଅ ଶାଶୁଘର ପଟର ନୂଆବନ୍ଧୁ ମାନଙ୍କ ସହିତ ସରଳାର ସ୍ୱାମୀ ସଦାଶିବଙ୍କ ସହିତ ପରିଚୟ ହେବାକୁ ଦେଇ ନଥିଲେ ଭାଇ। ଏସବୁ ସରଳାକୁ ଦୁର୍ବିସହ ଲାଗିଥିଲା।ସେଦିନ ବି ସରଳା ଭଙ୍ଗା ମନ ନେଇ ଫେରି ଆସିଲା ସେଇଠୁ ।

|| ତିନି ||

ଏ ଭିତରେ ଦୁଇ ବର୍ଷ ବିତି ଯାଇଥିଲା। ଭାଇ ଘରଡିହ ଜମି ବାଡ଼ି ବିକ୍ରି କରିଦେଇ ଏବେ ସହରରେ ରହୁଛନ୍ତି।ହଠାତ୍ ବୋଉର ଦେହାନ୍ତ ଖବର ପାଇ ସରଳା ଯିବାକୁ ବାଧ ହେଲା। ହେଲେ ସ୍ୱାମୀଙ୍କ ଦେହ ଭଲ ନାହିଁ ବୋଲି ଆସି ପାରିଲେନି ବୋଲି କହି ସମସ୍ତଙ୍କୁ ମିଛ କହିବାକୁ ବାଧ ହୋଇଥିଲା ସରଳା।

' ଯାହାଙ୍କ ସ୍ନେହ ପାଇଁ ସେଠିକୁ ଯାଉଥିଲି ସେ ତ ଆଉ ଇହ ଜଗତରେ ନାହାନ୍ତି, ଏବେ ଆଉ କାହିଁକି ଯିବି ?' -ସଦାଶିବଙ୍କ କଥାକୁ ଠିକ୍ ଭାବରେ ହୃଦୟଙ୍ଗମ କରି ପାରିଲା ସରଳା।ସ୍ୱାମୀଙ୍କ ସ୍ୱାଭିମାନକୁ ସେ ସମ୍ମାନ ଦେଇଥିଲା।

-' ମାମୁ,ମାଇଁ ତୋର ଗୁରୁଜନ। କୌଣସି ପରିସ୍ଥିତିରେ ବି ସେମାନଙ୍କ ମନରେ ଦୁଃଖ ହେଲା ଭଳି କିଛି କହିବୁ ନାହିଁ।'

ଏଥର ଯିବା ବାଟରେ ପୁଅକୁ ବୁଝାଇଥିଲା ସରଳା।

ସବୁ କିଛି ଠିକ୍ ଠାକ୍ ଚାଲିଥିଲା ବୋଲି ସରଳା ଖୁସି ଥିଲା। କ୍ରିୟା କର୍ମ ସରିବା ପରେ ସବୁ ନିମନ୍ତ୍ରିତ ଅତିଥି ଖାଇ ସାରିବା ପରେ ଅନ୍ୟ ସ୍ତ୍ରୀ ଲୋକମାନଙ୍କ ସହିତ ସରଳା ଖାଇ ବସିଲା।

-' ଜାଣିଛ,ଆମ ସରଳା ସିନା ବେଶି ପାଠଶାଠ ପଢି ନାହାନ୍ତି, ହେଲେ ଖୁବ୍ ହିସାବି। ପଚା ଆଳୁ, ପୋକା ବାଇଗଣ ସବୁକୁ ନେଇ ବି ସେ ବଢିଆ ରୋଷେଇ କରିପାରନ୍ତି। ତେଣୁ ଏଠି କେହି ଖାଇବା ଫୋପାଡିବ ନାହିଁ।' ଖାଇବା ମଝିରେ କହିଲେ ଭାଉଜ। ବୋଉର ଛଳଛଳ ଆଖିକୁ ଠିକ୍ ବୁଝିପାରିଲା ପୁଅ।

-'ବୋଉ ଚାଲ ଯିବା। ଡେରି ହେଲାଣି।' ଖାଇବା ଶେଷ କରି ଅନ୍ୟ ମାନଙ୍କୁ ଅପେକ୍ଷା କରିଥିବା ବୋଉର ପତ୍ରକୁ ଝପଟି ଯାଇ ଉଠାଇ ନେଇ କହିଲା ପୁଅ ସୁଧୀର। 'ଏସବୁ କଥା ବାପାଙ୍କୁ କହିବୁ ନାହିଁ' ବୋଲି ରାଣ ପକେଇ ଫେରିବା ବାଟରେ ପୁଅକୁ ବୁଝାଇଲା ସରଳା ।

|| ଚାରି ||

ମାମୁ ଖାଇସାରି ବିଶ୍ରାମ ନେଉଛନ୍ତି। ସମୟ ଆସିଲେ ବାପା ବୋଉଙ୍କ ପ୍ରତି ହୋଇଥିବା ଅଶାଳୀନ ବ୍ୟବହାରର ମୂଲ୍ୟାୟନ କରିବାକୁ ପଣ କରିଥିବା ପୁଅ ସୁଧୀର ଆଜି ସେ ସମୟ ଆସିଛି ବୋଲି କହିବାରୁ ପୁଅକୁ ସଂଜତ ରହିବାକୁ ସରଳା ଏକରକମ ବାଧ କରିଥିଲା।

ମୋବାଇଲ ରିଂ ଶବ୍ଦରେ ମାମୁଙ୍କ ନିଦ ଭାଙ୍ଗିଗଲା। ତରବର ହୋଇ ପ୍ୟାଣ୍ଟ୍ ସାର୍ଟ ପିନ୍ଧୁଥିଲେ ସେ। ବୋଉ ଚା' କରି ସାରିଥିଲା ସେତେବେଳକୁ।ଚା'କପ୍ ଟିକୁ ଧରୁ ଧରୁ ମାମୁ ନିମନ୍ତ୍ରଣ ପତ୍ରଟିଏ ଧରାଇଦେଲେ ବୋଉ ହାତରେ।

- ' ସରଳା, ପୁଅର ବାହାଘର ଠିକ୍ ହୋଇଯାଇଛି। ସେ ନିଜେ ପସନ୍ଦ କରିଛି। ସଦାଶିବ ତ ଘରେ ନାହାନ୍ତି। କହିଦେବୁ।'

ମୁଖ୍ୟରାସ୍ତା ପର୍ଯ୍ୟନ୍ତ ମାମୁଙ୍କୁ ବାଟେଇ ଦେଇ ଚୁପଚାପ୍ ଘରକୁ ଫେରିଲା ସୁଧୀର।

-'ବାପା ତ ସେ ଜାଗାକୁ ଆଉ ଯିବେ ନାହିଁ। ତୁ ବି ସେ ବାହାଘରକୁ ନଗଲେ ଭଲ ହେବ।' ମତାମତ ଜାଣିବାକୁ ସୁଧୀର ପଚାରିଲା ଗମ୍ଭୀର ମୁହଁ ନେଇ।

-'ଭାଇଙ୍କର ଏଇଟା ଶେଷ କାମ। ନଗଲେ ଚଳିବ କେମିତି। ଭାଇଙ୍କୁ ସମସ୍ତେ ପଚାରିବେ ନା ! ନଗଲେ ସେ ମନଦୁଃଖ କରିବେ।ଏଇ ଥରଟା ଯିବା।ଆଉ କୌଣସି କାମକୁ ଯିବା ପାଇଁ ମୁଁ ନବଞ୍ଚିଥିଲେ ଭଲ।' ବୋଉର ଅଭିମାନ ପୂର୍ଣ୍ଣ କଥା ଶୁଣି ଏବଂ ଛଳଛଳ ଆଖିକୁ ଦେଖି ସୁଧୀର ତା ସରଳମନା ବୋଉକୁ ଆଉ ବୁଝାଇବାକୁ ଚେଷ୍ଟା କରିନଥିଲା...!!!

+ଆଳି, କେନ୍ଦ୍ରାପଡା

# ଆଜିର କବିତା

## ଶବ୍ଦ

### ସ୍ମିତା ପଣ୍ଡା



ନିଜ ଅଜାଣତେ ଶବ୍ଦଟିଏ ହେଲେ
ମନ କହେ
ବନ୍ଧୁକରୁ ଗୁଳି ବାହାରୁଛି
ବୋମା ଫୁଟୁଛି
ଭିଡ଼ହିଂସା ହେଉଛି
ପୁଣି କିଛି ଘଟିଛି ।
କିଛି ଶବ୍ଦ
ନିସ୍ତବ୍ଧ କରିଦିଏ
ଶବ୍ଦ ମାନଙ୍କୁ
ଆଉ କିଛି
ନିସ୍ତବ୍ଧତାରୁ ଜନ୍ମ ନିଏ
ନୂଆ ନୂଆ ଶବ୍ଦ।
ପୃଥିବୀ ପାଇଁ ଶବ୍ଦ
ଆଉ ମନ ପାଇଁ ଭାବ
କିଛି ନୂଆ କଥା ନୁହେଁ
କିନ୍ତୁ
ଶବ୍ଦରୁ ଭୟ
ଆଉ ଭୟରୁ କ୍ରୋଧ
କେବେହେଲେ ଭଲ କଥା। ନୁହେଁ ।

ନରସିଂହପୁର,କଟକ
ମୋ: ୭୦୦୮୨୪୩୬୭୨

## ଇଚ୍ଛା ହୁଏ

### ନିହାରିକା ରାୟ ବରାଳ



ଦୁନିଆର ସବୁ ଖୁସି
ହଜିଯାଉଛି ତ ହଜିଯାଉ
ତମେମୋର ପାଖେ ପାଖେ ଥାଅ
ଜୀବନର ଚଲାପଥେ
କିଛି ମୁହଁ ଲୁଚିଯାଉଛି ତ ଲୁଚି ଯାଉ
ତମେ ମୋ ଦର୍ପଣ ହେଇରୁହ।
ଯନ୍ତ୍ରଣାର ଜଉଘରେ
ସ୍ମୃତିସବୁ ଜଳି ଯାଉଛି ତ ଜଳିଯାଉ
ତମେ ମୋ ବିସ୍ମୃତିରେ ଥାଅ
ଜ୍ୱଳନର ସମୁଦ୍ରରେ
ଆଲୁଅରୋଷଣୀ ଲିଭିଯାଉଛି ତ ଲିଭିଯାଉ
ତମେ ମୋ ଛାତିତଳେ ଥାଅ।
ସମୟର ମଲ୍ଲୀଗଜରା
ଶୁଖିଯାଉଛି ତ ଶୁଖିଯାଉ
ତମେ ମୋର ତାଲ୍ଲୀନତାରେ ରୁହ
ଶ୍ରାବଣର ମେଘ ସବୁ
ବର୍ଷିଯାଉଛି ତ ବର୍ଷିଯାଉ
ତମେ ମୋର ପୃଥିବୀରେ ଥାଅ।
କୃଷ୍ଣଚୂଡାର ନାଲି ଅବିର
ଝଡି ଯାଉଛି ତ ଝଡିଯାଉ
ତମେ ମୋର ତାତିଟିଏ ହେଇ ଥାଅ
ପ୍ରେମର ଶବ୍ଦସବୁ
ବିରହରେ ଚୁପ ହେଉଚି ତ ହେଉଥାଉ
ତମେ ମଧୁର ମୂର୍ଚ୍ଛନା ଟିଏ ହେଇରୁହ।
ନିଶ୍ୱାସର ପ୍ରତିଟି ସ୍ପନ୍ଦନ
ଲମ୍ୱିଯାଉଛି ତ ଲମ୍ୱିଯାଉ
ତମେ ମୋ ବିଶ୍ୱାସର
ଅଂକୁରୋଦ୍ଗମ ହୋଇ ରୁହ
ରାତିର ଯେତକ ପ୍ରହର
ଚୁକ୍ତିପତ୍ର ରେ ଲେଖା ଯାଉଛି ତ ଲେଖାଯାଉ
ତମେ ମୋ ଚଉଁରାରେ
ଦୀପଟିଏ ହେଇ ଜଳୁଥାଅ।
ଯେତେମାନ, ଅଭିମାନ
ପ୍ରଲେପି ଯାଉଛି ତ ଯାଉ
ତମେ ସମ୍ପର୍କର ଗହୀରବିଲରେ ଥାଅ
ଆଖି ତଳ ସ୍ୱପ୍ନ ର ଜଖମ
ସ୍ଥିରହେଇଯାଉଛି ତ ଯାଉ
ତମେ ମୋର ମଧୁର ଶିହରଣଟି ହେଇଥାଅ।

+ଅନୁରାଗ
ବି /୧୦, ପ୍ରତିଭା ଏନକ୍ଲେଭ
ବଜେବି ନଗର, ଭୁବନେଶ୍ୱର.

## ଭିତରକନିକା

### ପୁଷ୍ପାଞ୍ଜଳି ପଣ୍ଡା



ଭିତରକନିକାର ନଦୀ ଭିତରେ
କୂଳକୁ କିଛି ଦୂରେଇ ଦୂରେଇ
ଭାସି ଚାଲିଛି ଭୁଟୁ ଭୁଟୁ କରି ଭୁଟୁଭୁଟି।
ପବନର ସୁ ମୁଁ ଗର୍ଜନରେ
ଶୁଣାଯାଉଛି,ନାକରେ ବାଜୁଛି
ବଗ ଗହନର ଫୁରକୁଟିଆ ଗନ୍ଧ..!!
ବଗ ମଳରେ, ନୀଳ ହେନ୍ତାଳରେ
ମାଟିଆ ପାହାଡ଼ ପରାଏ ଗଛବଛା।
ଏଇଠି ପାଣି କୂଳରେ
ଖରା ପୋଉଁଛି, ଗୌରୀ କୁମ୍ଭୀରର
ସଇ କି ସଙ୍ଗାତ ବୋଧେ..!!!
ସେ କୂଳରେ କାଦୁଅ ପଙ୍କ
ନେସିହେଇ କଅଁଳ ଖରାରେ
ସେକି ହେଉଛି ଆଉ ଗୋଟେ
ମସ୍ତ ବଡ଼ ମଣିଷ ଖିଆ କୁମ୍ଭାର।
ଏଠି ଚିକ୍ ଚିକ୍ କରୁଥିବା ପାଣିକୁ
ଛୁଇଁବା ମନା, ଡେଇଁବା ମନା।
ଏଇଠି କେଉଁଠି କେତେ ପାଖରେ
ମୃତ୍ୟୁ ଦୂତ ଜଗି ନ ଥିବ କିଏ ଜାଣେ..!!
ଗୁପ୍ତୀଠାରୁ ଭିତରକନିକାର
ନୌକା ଯାତ୍ରା ସମାନ ଲାଗୁଥାଏ
ଜୀବନ ଯାତ୍ରା ସହ।
ଜାତିଜାତିକା ପକ୍ଷୀଙ୍କ କିଚିରି ମିଚିରି
ବାର୍ହା କି କେଉଁ ଅଜଣା ସରୀସୃପ
କିବା ନାଲି ଙ୍କଙ୍କଡାର ଡଗଡଗ ଚାଲି
ଦୁଇପାଖରେ ସବୁଜ ହେନ୍ତାଳ ତୋରଣ
ନଇକୂଳିଆ ସୁଲୁସୁଲିଆ ପବନ
ମୋହାଛନ କରେ, ଆଶ୍ଚର୍ଯ୍ୟ ଚକିତ କରେ
ହେଲେ ସବୁ ବୁଝାପଡେ
ଜୀବନ ଦୌଡେ,
ଧିରେ ଧିରେ ଭୁଟୁଭୁଟି ଥମେ।
ଶେଷ ହୁଏ ସୁଖର, ପ୍ରକୃତିର ଅଭୁଲା ଭ୍ରମଣ
ଆରମ୍ଭ ହୁଏ ଜୀବନ ଜୀବିକାର ସଂସାର।

+କେନ୍ଦ୍ରାପଡ଼ା

## ସେ ନାରୀ

### ଅଳକା ରାୟ



ସେ ନାରୀ
ନୁହଁଇ ଇଶ୍ୱରି
ଭୃଣରୁ ଜୁଇ ମଧ୍ୟେ
ରୂପାନ୍ତରର ଅମଡ଼ା ପଥେ
ଜାୟା, ଜନନୀ, ଭଗିନୀରୁ
ଅର୍ଦ୍ଧାଙ୍ଗିନୀ, ଅନୁଗାମିନୀ
ନୁହଁଇ ସେ ଅବଳା
ନା ହିଁ ଦୁର୍ବଳା
ବୀରାଙ୍ଗନା ସେ
ଲମ୍ଫ ଦିଏ ଯୁଦ୍ଧଭୂମିକୁ
ବିଜୟ କେତନ ପାଇଁ।
ଏଭରେଷ୍ଟର ସୁଉଚ୍ଚ ଶୃଙ୍ଗରୁ
ସମୁଦ୍ରର ଉତ୍ତାଳ ତରଙ୍ଗ ମଧ୍ୟେ
ଯାତ୍ରା ତାର ନୁହଁଇ ସରଳ
ତଥାପି ଫୁଟାଇ ପାରେ ସେ
କାକଟସ୍‌ରେ ଫୁଲ
ସେ ନାରୀ
ନୁହଁଇ ଇଶ୍ୱରି
ଆୟୁଧର ଅଧିକାରୀ ଇଶ୍ୱରି
ଲୋଡ଼ା ନାହିଁ ତା'ର ଆୟୁଧ
ଦୃଢ଼ ଇଚ୍ଛାଶକ୍ତିର ଅଧିକାରୀ
ଅଟଳ ଆତ୍ମବିଶ୍ୱାସ
ନୁହଁଇ କେବଳ ଲାବନ୍ୟବତୀ
ଜଗତକୁ ଆଲୋକିତ କରୁଥିବା ବତୀ
ସୃଜନର ସୁଖଠାରୁ ମୋକ୍ଷ ଯାଏଁ
ରାଜନୀତିଠାରୁ ରଣନୀତି ଯାଏଁ
ଏକ ପାରଙ୍ଗମ ଶିଳ୍ପୀ ସେ
ସମ୍ମାନର ଅଧିକାରୀ
ସସମ୍ମାନେ ଦିଅ ଆସନ
ତା ନାରୀତ୍ୱର ଅସ୍ମିତାକୁ ଚିହ୍ନି।

+ ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

# ମୋକ୍ଷ

## ଅନୀତା ପଟ୍ଟନାୟକ



ପୃଥିବୀରେ ଅନେକ ବ୍ୟକ୍ତି ଭଗବାନଙ୍କ ଠାରୁ ମୋକ୍ଷ ପ୍ରାପ୍ତି ପାଇଁ ପ୍ରାର୍ଥନା କରିଥିବା କଥା ଆମେ ଶୁଣିଥାଉ। ଆମର ଧାରଣା ମୋକ୍ଷପ୍ରାପ୍ତି ହେଉଛି ଏକ ସମ୍ମାନ ଯାହାକି ବୋଧ ହୁଏ ବହୁତ କମ ଲୋକଙ୍କ ଭାଗ୍ୟରେ ଯୁଟିପାରେ। ଅନେକ ଭାବନ୍ତି ଏହାବୋଧେ ସ୍ୱର୍ଗର ଏକ ରାଜ୍ୟ କିମ୍ବା ଉପନିବେଶ ଯାହାକୁ କେବଳ ବୀର ଆତ୍ମାମାନେ ଚଢ଼ି ପାଇପାରନ୍ତି। ନାଁ ମୋ ମତରେ ମୋକ୍ଷ ସମସ୍ତେ ପାଇପାରିବେ। ସେ ବୀର ହୁଅନ୍ତୁ ବା ନ ହୁଅନ୍ତୁ। ଏପରିକି ମୋକ୍ଷପ୍ରାପ୍ତିକୁ ଯେଉଁମାନେ ମନା କରନ୍ତି ଶେଷରେ ସେମାନେ ଏହାକୁ ଅନୁଭବ କରନ୍ତି। ଏହା ସମସ୍ତଙ୍କ ପାଇଁ ଉଦିଷ୍ଟ ଯେ ଆନନ୍ଦ ଓ ଶାନ୍ତି ଚାହୁଁଛି ବା ଚାହୁଁନି। ସର୍ବୋତ୍ତମ ଆନନ୍ଦ ଓ ସ୍ଥିତିକୁ ମୋକ୍ଷ କୁହାଯାଏ। ମଣିଷ କ୍ଷଣିକ ସୁଖ ଓ ଆନନ୍ଦ ପଛରେ ଧାଇଁ ଧାଇଁ ଶେଷରେ ସେ ସ୍ଥାୟୀ ସୁଖ ଓ ଆନନ୍ଦ ଖୋଜିଥାଏ। ସେ ସ୍ଥାୟୀ ସୁଖ ଓ ଆନନ୍ଦକୁ ମୁକ୍ତି କୁହାଯାଏ ଯାହାକି ଜନ୍ମ ଓ ମୃତ୍ୟୁର ଚକ୍ରରୁ ମନୁଷ୍ୟକୁ ମୁକ୍ତି ଦେଇଥାଏ।

ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇବାର ଅର୍ଥ କଣ ତାହା ବୁଝିବାକୁ ହେବ। ସଜୀବ ଓ ନିର୍ଜୀବ ସମସ୍ତଙ୍କ ମଧ୍ୟରେ ଏକତ୍ୱଭାବକୁ ଏହା ବୁଝାଯାଏ। ତେଣୁ ଚିରସ୍ଥାୟୀ ଆନନ୍ଦ ଓ ଶାନ୍ତିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟିବାକୁ ଏକତ୍ୱଭାବ କୁହାଯାଏ ଯାହାକୁ କି ଅନ୍ୟ ଭାଷାରେ ମନୁଷ୍ୟ ମଧ୍ୟରେ ଭାତୃତ୍ୱ ଓ ଭଗବାନଙ୍କ ପିତୃତ୍ୱଭାବକୁ ବୁଝାଯାଏ। ପିଲା ଦିନ ସାଧୁସନ୍ଥମାନଙ୍କ ଜୀବନୀ ପଢ଼ିବାକୁ ମତେ ଭଲ ଲାଗେ। ସନ୍ଥ ରାମାନୁଜଚାର୍ଯ୍ୟଙ୍କର ଜୀବନୀ, ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଲିଖିତ। ଦିବ୍ୟ ଜୀବନ ସଂଘ ଦ୍ୱାରା ରଚିତ ପୁସ୍ତକ ସନ୍ଥମାନଙ୍କ ଜୀବନୀ ଦିନେ ପଢ଼ିଲି ରାମାନୁଜଚାର୍ଯ୍ୟ ଅଦ୍ୱୈତ। ଦ୍ୱୈତ ଓ ବିଶିଷ୍ଟା ଦ୍ୱୈତ ଦର୍ଶନ ଶାସ୍ତ୍ରର ପୃଷ୍ଟପୋଷକ ଥିଲେ। ରାମାନୁଜଚାର୍ଯ୍ୟଙ୍କର ଗୁରୁ ଜମୁନାଚାର୍ଯ୍ୟଙ୍କର ମୃତ୍ୟୁପରେ ସେ ତାମିଲନାଡୁ ଆସିଥିଲେ। ତାଙ୍କୁ ଗୁରୁ ନମ୍ବୀ ଓଁ ନମୋ ନାରାୟଣାୟ ମନ୍ତ୍ରରେ ଦିକ୍ଷୀତ କରିଥିଲେ। କୁହାଯାଏ ଏହା ଜମୁନାଚାର୍ଯ୍ୟଙ୍କର ଇଚ୍ଛାଶକ୍ତି ବଳରେ ହୋଇଥିଲା। ଏହି ମନ୍ତ୍ରଟି ପାଇବା ପାଇଁ ରାମାନୁଜଚାର୍ଯ୍ୟଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ଓ ନମ୍ବୀଙ୍କ ନିକଟକୁ ବାରମ୍ବାର ଆସିବାକୁ ପଡ଼ିଥିଲା। ନମ୍ବୀ ଏହି ମନ୍ତ୍ରକୁ ଗୁପ୍ତ ରଖିବାକୁ କହିଥିଲେ। ସେ କହିଥିଲେ ଏହି ମନ୍ତ୍ର ଅତ୍ୟନ୍ତ ପ୍ରଭାବଶାଳୀ ଓ ଏହାର ଉଚ୍ଚାରଣରେ ମନୁଷ୍ୟ ମୁକ୍ତି ଲାଭ କରିଥାଏ। ଏହା ତୁମର ଉପଯୁକ୍ତ ଶିଷ୍ୟକୁ ପ୍ରଦାନ କରିବ ନଚେତ ନର୍କରେ ପଡ଼ିବ। ରାମାନୁଜ ଯୁବ ସୁଲଭ ଥିଲେ ସେ ମନ୍ଦିର ପାଖକୁ ଦୌଡ଼ି ଯାଇ ସେଠାରେ ଥିବା ଲୋକମାନଙ୍କୁ ବଡ଼ ପାଟିରେ ଭକ୍ତ ଗୁପ୍ତମନ୍ତ୍ର ଉଚ୍ଚାରଣ କରିଥିଲେ। ଏହାଶୁଣି ନମ୍ବୀ ରାଗିଯାଇଥିଲେ ଓ ତାଙ୍କ ନିକଟକୁ ଦୌଡ଼ି ଆସିଥିଲେ।

ରାମାନୁଜ ଗୁରୁ ରାଗିଥିବା ଦେଖି କହିଲେ ହେ ମହାନୁଭବ ମତେ ଯେକୌଣସି ଦଣ୍ଡ ଦେବେ ତାହା ମୁଁ ସହିନେବି। ମୁଁ ଆନନ୍ଦର ସହିତ ନର୍କର ଦୁଃଖ ଯନ୍ତ୍ରଣାକୁ ସହିବାକୁ ରାଜି ଅଛି କାରଣ ମୁଁ ପ୍ରଦାନ କରୁଥିବା ମନ୍ତ୍ର ଶୁଣି ଲକ୍ଷ ଲକ୍ଷ ଲୋକ ମୁକ୍ତି ପାଇବେ। ସେ ଦିନ ନମ୍ବୀ ଜାଣିପାରିଥିଲେ ତାଙ୍କର ଶିଷ୍ୟର ହୃଦୟ କେତେ ମହାନ ଓ ଅନୁକମ୍ପାପୂର୍ଣ୍ଣ। ସେ ରାମାନନ୍ଦଙ୍କୁ କୁଣ୍ଢାଇ ପକାଇଥିଲେ ଓ ପ୍ରେମର ସହ ଆଶୀର୍ବାଦ କରିଥିଲେ। ମୋର କାଲିପରି ମନେପଡ଼େ ମୋର ଜଣେ ବାନ୍ଧବୀ ପୁରୀକୁ ଜଗନ୍ନାଥଙ୍କ ଦର୍ଶନ କରି ମୋକ୍ଷପ୍ରାପ୍ତ ପାଇଁ ଧାଇଁ ଆସିଥିଲା। ସେ ତାର ସମସ୍ତ ଧନ, ଯୌବନ, ବିଦ୍ୟା ସବୁ କିଛି ଛାଡ଼ି ଆସିଥିଲା। ଜଗନ୍ନାଥ ସ୍ୱପ୍ନରେ ବେଦପାଠଶାଳା ଖୋଲି ପିଲାମାନଙ୍କୁ ବେଦ ଶିକ୍ଷା ଦେବା ପାଇଁ ତାକୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ବେଦପାଠଶାଳାରେ ମୋର ବାନ୍ଧବୀ ପାଠପଢ଼ାଇବା ପରେ ଦେଖିଲା ମୋକ୍ଷପ୍ରାପ୍ତି ତ ଦୂରର କଥା ଏଠାରୁ ମୁକ୍ତି ମିଳିବା ମଧ୍ୟ କଷ୍ଟକର। ସେ ପିଲାମାନଙ୍କର ବିଦବତାରେ ଧୀରେ ଧୀରେ ଯୋଡ଼ି ହୋଇ ଯାଉଛନ୍ତି। ଦିନେ ସାନ୍ଧ୍ୟ ଦର୍ଶନ କରି ଜୀବନରେ ମୁକ୍ତି ପାଇପାରିଲେନି ବୋଲି ଭାବି ରାତ୍ରି ଭୋଜନ ସାରି ଶୋଇ ପଡ଼ିଲେ। ଶୋଇ ପଡ଼ିଥିବା ସମୟରେ ସ୍ୱପ୍ନରେ ଦେଖିଲେ, ଜଗନ୍ନାଥ ମହାପ୍ରଭୁ ମୋର ବାନ୍ଧବୀକୁ କହୁଛନ୍ତି ତୁମେ ଦେଉଥିବା ବିଦ୍ୟାଶିକ୍ଷା ଯଦି ବନ୍ଦ କରି ଓ ମୋକ୍ଷ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କର ତେବେ ଶହ ଶହ ବର୍ଷ ବିତିଗଲେ ମଧ୍ୟ ତୁମକୁ ମୁକ୍ତି ବା ମୋକ୍ଷ ମିଳିବ ନାହିଁ। ନିଃସ୍ୱାର୍ଥପର ଭାବେ ସମସ୍ତ ଛାତ୍ରଙ୍କୁ ଭଲ ପାଇ ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ବେଦପାଠଶାଳାରେ ତୁମର କାର୍ଯ୍ୟ ସମ୍ପନ୍ନ କରୁଥାଅ। ଭଗବାନ ବେଦଉଦ୍ଧାରଣ ନିମନ୍ତେ ଇଚ୍ଛୁକ। ତୁମର କର୍ମ ହିଁ ତୁମର ମୋକ୍ଷର କାରଣ ହେବ।

ନିଜର ବିଦବତ୍ତାର ଗର୍ବ, ଧନସମ୍ପତ୍ତି, ଯୌବନ ସବୁକିଛି ତ୍ୟାଗ କରିଥିବା ମୋର ବାନ୍ଧବୀ ଜଗନ୍ନାଥଙ୍କୁ ପ୍ରଶ୍ନ କଲା ଯଦି ମୁଁ ମୋର କର୍ମଦ୍ୱାରା ମୋକ୍ଷପ୍ରାପ୍ତି ପାଇ ପାରିବି ତେବେ ଓକିଲ, ଡାକ୍ତର ଏମାନେ କଣ ମୋକ୍ଷ ପ୍ରାପ୍ତି ପାଇବାକୁ ଯୋଗ୍ୟ ? ଜଗନ୍ନାଥ ସ୍ୱପ୍ନରେ କହିଲେ ହଁ ନିଃସ୍ୱାର୍ଥପର ଭାବେ, ପ୍ରେମପୂର୍ଣ୍ଣଭାବେ, ନିଃଶୁଳ୍କରେ ସେମାନେ ଯଦି ହୀନ ହୀନ ଦରିଦ୍ର ମାନଙ୍କର ସେବା ଓ ନ୍ୟାୟ ଦେବା ପାଇଁ ବ୍ରତୀ ହୁଅନ୍ତି ତେବେ ସେମାନଙ୍କର ମୁକ୍ତି ସମ୍ଭବ ହୋଇଥାଏ। ଜଗନ୍ନାଥ ଏହା ମଧ୍ୟ କହିଥିଲେ ଦେଖ ତୁମ ଶରୀରରେ ପାଟି ହିଁ କେବଳ ଖାଦ୍ୟ ଗ୍ରହଣ କରିପାରୁଛି କିନ୍ତୁ ସେହି ଖାଦ୍ୟ ଗ୍ରହଣ ଦ୍ୱାରା ଶରୀରର ଅନ୍ୟ ଅଙ୍ଗ ଗୁଡ଼ିକ ପୁଷ୍ଟିକର ଖାଦ୍ୟ ପାଇ ଚଳଚଞ୍ଚଳ ଓ ଶକ୍ତିମାନ ହୋଇପାରୁଛନ୍ତି। ସେହିପରି ତୁମେ ହୁଅ ବା ଡାକ୍ତର ହୁଅ, ଓକିଲ ହୁଅ, ଇଂଜିନିୟର ହୁଅ, ତୁମେ ମୋର ପାଟି ସଦୃଶ। ନିଜର ମୋକ୍ଷ ପ୍ରାପ୍ତିର ସ୍ୱାର୍ଥପରତାକୁ ଛାଡ଼ି ନିଜର କର୍ମ ଦ୍ୱାରା ସମାଜର ଅଙ୍ଗଗୁଡ଼ିକୁ ପୁଷ୍ଟିକର କର। ତାହାହିଁ ମୁକ୍ତିପଥର ଯାତ୍ରା। କୌଣସି କଥା କହିବା ପୂର୍ବରୁ ଚିନ୍ତାକର ଏହା ଦରକାର କି ? ଏହା ସତ୍ୟ କି ? ଏହା କାହାକୁ ଆଘାତ କରିବ କି ? ଓ ମୋର କଥା କୌଣସି ବ୍ୟକ୍ତିର ନୀରବତାକୁ ଭଙ୍ଗ କରିବ କି ? କି ତାର ନୀରବତାରେ ଉନ୍ନତିକରଣ ଆଣିବ ତାର ସେ ଦିନର ସ୍ୱପ୍ନ ମନକୁ ଛୁଇଁଥିଲା ବୋଲି ଲେଖିଦେଲି।

+ଅବସରପ୍ରାପ୍ତ ଅଧ୍ୟାପିକା, ସିଡିଏ,
ସେକ୍ଟର-୧୦, କଟକ,
ମୋ : ୯୬୯୨୯୮୦୦୨୬

## ୧୪ ଦଫା ଦାବୀନେଇ ଏବିଭିପି ଛାତ୍ର ସଂଗଠନର ବିକ୍ଷୋଭ

କେନ୍ଦୁଝର , ୨୯/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଆଜି (ଏବିଭିପି) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ୧୪ ଦଫା ଦାବୀ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଏବିଭିପି ର ଜିଲ୍ଲା ସଂଗଠନ ସଂପାଦକ ସମ୍ବିତ ପ୍ରସାଦ ରାଉତ ଓ ମୟୁରଭଞ୍ଜ ସଂଗଠନ ସଂପାଦକ ଦିବ୍ୟଜ୍ୟୋତି ନନ୍ଦଙ୍କ ନେତୃତ୍ୱରେ କାଳୀପଡିଆ ଠାରୁ ଛାତ୍ର ଛାତ୍ରୀଙ୍କର ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏବଂ ପରେ ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେମାନଙ୍କର ଦାବୀ ମାନଙ୍କ ମଧ୍ୟରେ କେନ୍ଦୁଝର ଜିଲ୍ଲାର ମହାବିଦ୍ୟାଳୟ ମାନଙ୍କରେ ଶୂନ୍ୟ ପଡିଥିବା ଅଧ୍ୟାପକ ଓ ଅଣ ଅଧ୍ୟାପକ ପଦ ପୂରଣ ସହ ୪୫ ଦିନ ମଧ୍ୟରେ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶନ , କେନ୍ଦୁଝର ଜିଲ୍ଲାରେ ଥିବା ସମନସ୍ତ ମହାବିଦ୍ୟାଳୟ ମାନଙ୍କର ଜିମିକୁ ସେମାନଙ୍କ ନାମରେ ପଞ୍ଜିକୃତ କରିବା , କେନ୍ଦୁଝରରେ ଏକ କ୍ରିଡା ବିଶ୍ୱ ବିଦ୍ୟାଳୟ ସ୍ଥାପନ , ମହିଳା ହିଂସାକୁ ରୋକିବା ପାଇଁ ଜିଲ୍ଲାରେ ଏକ ମହିଳା ଥାନା ପ୍ରତିଷ୍ଠା କରାଯିବା , ମହାବିଦ୍ୟାଳୟ , ବିଶ୍ୱ ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ବୃଦ୍ଧି ପାଉଥିବା ଫି କୁ ନିୟନ୍ତ୍ରଣ ନିମନ୍ତେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବା , ଜନଜାତି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା , କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା , ମହା ବିଦ୍ୟାଳୟ ପରିସରକୁ ଅଣଛାତ୍ର ମୁକ୍ତ ରଖିବା , କେନ୍ଦୁଝରରେ ଏକ ବୃହତ ଇସ୍ପାତ ଶିଳ୍ପ ସ୍ଥାପନ ଚମ୍ପୁଆ ଓ ଆନନ୍ଦପୁର ମହା ବିଦ୍ୟାଳୟକୁ ସ୍ୱୟଂ ଶାସିତ ମହା ବିଦ୍ୟାଳୟ ମାନ୍ୟତା ପ୍ରଦାନ , କେନ୍ଦୁଝରରୁ ଘଟଗାଁ , ଆନନ୍ଦପୁର ଓ ଭଦ୍ରଖ ଦେଇ ଧାମରାକୁ ରେଳ ସଂଯୋଗୀକରଣ ଆଦି ଦାବୀ ରହିଛି । ଏହି ଦାବୀ ପତ୍ରକୁ କେନ୍ଦୁଝର ଓ ମୟୁରଭଞ୍ଜ ର ସଂଗଠନ ସଂପାଦକ ସମ୍ବିତ ପ୍ରସାଦ ଓ ଦିବ୍ୟଜ୍ୟୋତି ଙ୍କ ସହ ପ୍ରୀତିରାଣୀ ଗିରି , ସଂନ୍ଧ୍ୟା ନାଏକ , ପ୍ରତିଭା ସେଠୀ ପ୍ରମୁଖ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରିଥିଲେ ।

## ଖଜୁରିପଡାରେ ସ୍ୱାଭିମାନ ଓ ସଖି ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ , ୨୯/୦୩ (ନି.ପ୍ର): ଖଜୁରୀପଡା ସଦରମହକୁମା ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ଆଜି ସ୍ୱାଭାବିକ ଓ ସଖି ଅନୁଷ୍ଠାନ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ମୁଖ୍ୟତଃ ନିର୍ଯ୍ୟାତିତ ମହିଳା ଏବଂ ନାବାଳିକା ମାନଙ୍କ ସମନ୍ୱିତ ସୁବିଧା, ଆଇନଗତ ସହାୟତା, ସାମାଜିକ ପରାମର୍ଶ, ପାରିବାରିକ ହିଂସା, ସାଇବର ଅପରାଧ, ମହିଳା ଚାଲାଣ, ବାଲ୍ୟ ବିବାହ,ଯୌତୁକ ନିର୍ଯ୍ୟାତନା, କୁଷ୍ଠରୋଗର କାରଣ ନିରାକରଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ଶତାଧିକ ମହିଳା ଯୋଗଦାନ କରିଥିବା ବେଳେମହିଳା ଓ ଶିଶୁବିକାଶ ବିଭାଗ ତରଫରୁ ଅଙ୍ଗନୱାଡି କର୍ମି ଏବଂ ସୁପରଭାଇଜର ମାନେ ଯୋଗଦାନ କରିଥିଲେ । ସେହିଭଳି ଅତିଥି ଭାବେ ଖଜୁରୀପଡା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ଏବଂ ସରପଂଚ ମନୋରଂଜନୀ ଯାନୀ ଯୋଗଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଭୁବନେଶ୍ୱର ସ୍ୱାଭିମାନ ଅନୁଷ୍ଠାନ ତରଫରୁ ମିହିର ମହାନ୍ତି ଯୋଗଦାନ କରି କୁଷ୍ଠ ରୋଗର କାରଣ ଲକ୍ଷଣ ଏବଂ ବର୍ତ୍ତମାନ ବହୁଳ ସଚେତନତା କାରଣ ରୁ କୁଷ୍ଠ ରୋଗର ହ୍ରାସ ହୋଇଥିବା ଏବଂ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ । ବିଲିଗୁଡା ସ୍ଥିତ ବନବାସୀ ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ପାରିବାରିକ ଅଦାଲତ ପ୍ରିନସିପାଲ ସରିତା ପଟ୍ଟନାୟକ, ସଖି ଅନୁଷ୍ଠାନ ର ମୁଖ୍ୟ ପରିଚାଳିକା ଅପୂର୍ଣ୍ଣା ବେହେରା ପ୍ରମୁଖ ଯୋଗଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ନନ୍ଦିତା କୁମାରୀ ଆଇନ ସଚେତନତା ସହ ଧନ୍ୟବାଦ ଅର୍ପଣ କରିଥିଲେ । ସଂଧ୍ୟାରାଣୀ ମଲିକ, ଜୟସ୍ମିତା ମହାନ୍ତି ଏବଂ ପ୍ରଜ୍ଞା ପ୍ରାରମ୍ଭିକା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବ୍ରହ୍ମପୁର ଷ୍ଟେସନର ବିକାଶ ଓ ରେଳ ଟର୍ମିନାଲ ପ୍ରତିଷ୍ଠା କରିବା ପାଇଁ ଇଷ୍ଟ-କୋଷ୍ଟ ଡିଜିଏମ ଓ ସିପିଟିଏମଙ୍କ ସହ ଆଲୋଚନା

ଗଞ୍ଜାମ, ୨୯/୦୩ (ନି.ପ୍ର): ଓଡ଼ିଶାର ସର୍ବ ପୁରାତନ ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ, ବ୍ରହ୍ମପୁର ଠାରେ ରେଳ ଟର୍ମିନାଲ ପ୍ରତିଷ୍ଠା ଓ ଦକ୍ଷିଣ ଓଡ଼ିଶାରେ ଦଶକ ଦଶକ ଧରି ପଡି ରହିଥିବା ରେଳ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରି ସାରିବା ପାଇଁ ଓଡ଼ିଶା ଡେଭଲପମେଂଟ ଫୋରମ୍ ଆଜି ପୂର୍ବତଟ ରେଳବାଇର ଉପ- ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଓ ସି.ପି.ଟି.ଏମ ଶ୍ରୀ ଜେ.ପି ମିଶ୍ରଙ୍କ ସହ ଇଷ୍ଟକୋଷ୍ଟ ରେଲୱେ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଆଜି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛି । ଏହି ଅବସରରେ ଓଡ଼ିଶା ଡେଭଲପମେଂଟ ଫୋରମ ସଦସ୍ୟ ରେଳବାଇର ଉପ-ମହାପ୍ରବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରି ୧୩୦ ବର୍ଷ ପୁରୁଣା ବ୍ରହ୍ମପୁର ଷ୍ଟେସନ କୋଠାର ସର୍ବାଙ୍ଗୀନ ବିକାଶ, ବ୍ରହ୍ମପୁର ନିକଟବର୍ତ୍ତୀ ଜଗନ୍ନାଥପୁର ବା ସୋରଳରେ ରେଳ ରହିବା ଓ ଛାଡ଼ିବା ପାଇଁ ରେଳ ଟର୍ମିନାଲ ନିର୍ମାଣ, ୫-୬ ନମ୍ବର ପ୍ଲାଟଫର୍ମ ର ନିର୍ମାଣ, ଗରିବ ରଥ ଓ ସବୁ ଟ୍ରେନ ର ରହଣି କୁ ସୁନିର୍ଶ୍ଚିତ କରିବା, ଲିଫ୍ଟ, ପ୍ରତି ପ୍ଲାଟଫର୍ମ ରେ ଡିସପ୍ଲେ ବୋର୍ଡ୍, ଆଲୋକ, ପାଣି, ଖାଇବା ର ସୁବ୍ୟବସ୍ଥା, ସବୁ ପ୍ଲାଟଫର୍ମ ରେ ଓ ଷ୍ଟେସନ ବାହାରେ ଶୌଚାଳୟ ସହ ଲୋକାଲ ଟ୍ରେନ ଗୁଡ଼ିକୁ ଚଳାଇବା ଓ ଲୋକାଲ ଟିକେଟ ବିକ୍ରି କେନ୍ଦ୍ର/ମେସିନ ଶୀଘ୍ର ସ୍ଥାପନ ପାଇଁ ଦାବି କରାଯାଇ ଥିଲା । ବ୍ରହ୍ମପୁର ରୁ ଆରମ୍ଭ ହେଉଥିବା ମେମୁ ଟ୍ରେନକୁ ଗୁଣୁପୁରକୁ ସମ୍ପ୍ରସାରିତ କରାଯିବା ଓ ନୂଆ ମେମୁ ଟ୍ରେନ ନଥିବା ଯୋଗୁଁ ବ୍ରହ୍ମପୁର ଠାରୁ କଟକ, ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାକୁ ଯିବା ଆସିବା କରିବା କଷ୍ଟସାଧ ହୋଇ ଯାଇଥିବାରୁ ସ୍ୱତନ୍ତ୍ର ମେମୁ ବା ଇଂଟରସିଟି ଏକ୍ସପ୍ରେସ ଟ୍ରେନ ଦ୍ୱାରା ଏହି ସବୁ ସହରକୁ ତୁରନ୍ତ ସଂଯୋଗ କରିବା କୁ ଦୃଢ଼ ଦାବି କରାଯାଇଥିଲା । ଏହା ସହ ୧୮୫୨୫ ବ୍ରହ୍ମପୁର -ବିଶାଖାପାଟଣା ଇଂଟରସିଟିର ସମୟ ପରିବର୍ତ୍ତନ କରି ସକାଳ ୬ଟା ୩୦ କରିବା ଓ ସକାଳୁ ବ୍ରହ୍ମପୁର - କଟକ ଏକ୍ସପ୍ରେସ ଟ୍ରେନ ତୁରନ୍ତ ଆରମ୍ଭ କରିବାକୁ ଦାବି କରାଯାଇଥିଲା । ଏହା ସହ ବହୁ ପ୍ରତିକ୍ଷିତ ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁର-ରାୟଗଡ଼ା, ଗୋପାଳପୁର-ତାଳଚେର ଭାୟା ତାରାତାରିଣୀ- ବୁଗୁଡ଼ା, ଗୁଣୁପୁର-ରାୟଗଡ଼ା, ଜୟପୁର-ମାଲକାନଗିରି ଓ ମାଲକାନଗିରି- ନବରଙ୍ଗପୁର ରେଳପଥ ର କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ଓ ବ୍ରହ୍ମପୁରରୁ ମୁମ୍ବାଇ, ସୁରତ, ଦିଲ୍ଲୀ, ଜୟପୁର, ପୁରୀ ଓ ଅନ୍ୟ ସହରକୁ ପ୍ରତିଦିନ ଏକ୍ସପ୍ରେସ ଟ୍ରେନ ଚଳାଇବା ପାଇଁ ଦାବି କରାଯାଇଥିଲା । ଭୁବନେଶ୍ୱର, ପୁରୀ ଓ ବିଶାଖାପାଟଣାରେ ଅଟକି ଯାଉଥିବା ଅନେକ ଏକ୍ସପ୍ରେସ ଓ ସାପ୍ତାହିକ ଟ୍ରେନକୁ ବ୍ରହ୍ମପୁର ଯାଏଁ ବଢ଼ାଇବା ଓ ଭୁବନେଶ୍ୱରରୁ ଦିଲ୍ଲୀ ରାଜଧାନି ଟ୍ରେନକୁ ବ୍ରହ୍ମପୁର, ରାୟଗଡ଼ା ଓ ଦକ୍ଷିଣ ଓଡ଼ିଶା ଦେଇ ଚଳାଇବା ପାଇଁ ଅନୁରୋଧ କରାଯାଇଥିଲା । ଏହା ବ୍ୟତୀତ ଦକ୍ଷିଣ ଓଡ଼ିଶା ର ଇଷ୍ଟଦେବୀ ମା' ତାର ତାରିଣୀ କିମ୍ବା ବରପୁତ୍ର ଯଥା ଉପେନ୍ଦ୍ର ଭଞ୍ଜ, କୃଷ୍ଣ ଚନ୍ଦ୍ର ଗଜପତି, ଟକରା ବିଶୋଇ, ଲକ୍ଷ୍ମଣ ନାୟକଙ୍କ ନାଁ ରେ ଦୂରଗାମୀ ରେଳ ଗାଡି ଗୁଡ଼ିକୁ ନାମ କରଣ କରିବା ପାଇଁ ଦାବି କରାଯାଇଥିଲା । ସୂଚନାଯୋଗ୍ୟ, ଅତି ପଛୁଆ ଦକ୍ଷିଣ- ପର୍ଶ୍ଚିମ ଓଡ଼ିଶା ର ଜିଲ୍ଲା ଗୁଡ଼ିକରେ ରେଳପଥର ବିକାଶ ପାଇଁ ଗତ ୨୦ ବର୍ଷ ହେଲା ଓଡ଼ିଶା ଡେଭଲପମେଂଟ ଫୋରମ୍ ଆନ୍ଦୋଳନ କରି ଆସୁଛି । ପୂର୍ବରୁ କେନ୍ଦ୍ର ରେଳ ମନ୍ତ୍ରୀ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କୁ ଅନେକ ଥର ଦାବିପତ୍ର ପ୍ରଦାନ କରି କିଛି ଦାବି ହାସଲ କରିଛି । କିନ୍ତୁ, ଦକ୍ଷିଣ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ରେଳପଥର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହ ଦୃତ ଗତିରେ କାମ କରିବାର ଆବଶ୍ୟକତା ରହି ଥିବା ଫୋରମ୍ ସଦସ୍ୟ ମାନେ ରେଳବାଇର ଉପ ମହାପ୍ରବନ୍ଧକ ଙ୍କ ସହ ଆଲୋଚନା ବେଳେ ଅବଗତ କରାଇଥିଲେ । ଏହି ଆଲୋଚନାକୁ ଗମ୍ଭୀରତାର ସହ ଶୁଣିବା ପରେ ରେଳବାଇର ଉପ-ମହାପ୍ରବନ୍ଧକ ଯଥା ଶୀଘ୍ର କିଛି ସମସ୍ୟାର ଆଶୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

## ୫-ଟି ସଚିବଙ୍କ ମାଲକାନଗିରି ଗସ୍ତ, ବିଭିନ୍ନ ଉନ୍ନୟନ କାମର କଲେ ସମୀକ୍ଷା

ମାଲକାନଗିରି, ୨୯/୦୩ (ନି.ପ୍ର): ୫-ଟି ସଚିବ ଭିକେ ପାଣ୍ଡିଆନ, ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା, ଉନ୍ନୟନ ସଚିବ ଅନୁ ଗର୍ଗ ମାଲକାନଗିରି ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆଜି ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି । ଆଜି ଅପରାହ୍ନରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପ୍ରଥମେ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ପହଂଚିବା ପରେ ଶିବସାଗର ଯାଇ ସେଠାରେ ଶିବସାଗର, ମଧ୍ୟମ ଜଳସେଚନ ପ୍ରକଳ୍ପର ମ୍ୟାପ ଦେଖି ଉନ୍ନତିକରଣ ସମୀକ୍ଷା କରିଥିଲେ । ଏହା ବ୍ୟତୀତ ପ୍ରସ୍ତାବିତ ଜୟପୁର ମାଲକାନଗିରି ରେଳ ଲାଇନ ଓ ସପ୍ତଧାରା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟର ଅଗ୍ରଗତି କରିବା ଲାଗି ନିର୍ଦ୍ଦେଶ ଦେଇ ସମୀକ୍ଷା କରିଥିଲେ । ଏହାପରେ କଲ୍ୟାଣ ମଣ୍ଡପଠାରେ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସବୁଧର୍ମର ପ୍ରାର୍ଥନା ପୀଠ, ମନ୍ଦିର, ମସଜିଦ, ଗୀର୍ଜା ପାଇଁ ଅନୁଦାନ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ । ଅପରାହ୍ନରେ ଖଇରପୁଟ ବ୍ଲକସ୍ଥ ମୁଦୁଲିପଡା ବଣ୍ଡା ଘାଟିକୁ ହେଲିକପ୍ଟରରେ ଯାଇଥିଲେ । ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ସୀତା କୁଣ୍ଡର ଉନ୍ନତିକରଣ ସହ ବଣ୍ଡାଘାଟି ଉନ୍ନତିକରଣର ସମୀକ୍ଷା କରି ବଣ୍ଡା ସମ୍ପ୍ରଦାୟର ମୁଖିଆ ମାନଙ୍କ ସହ ଦୁଃଖ ସୁଖ ହେବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ତା''ପରେ ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଂଚଳ ହନ୍ତଲଗୁଡ଼ା ବିଏସଏଫ କ୍ୟାମ୍ପରେ ହେଲିକପ୍ଟର ଯୋଗେ ସନ୍ଧ୍ୟାରେ ପହଂଚି ହନ୍ତାଳଗୁଡା ଭିୟୁ ପଏଂଟର ନିର୍ମାଣ ଅନୁଧ୍ୟାନ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି । ସନ୍ଧ୍ୟାରେ ବିଏସଏଫ କ୍ୟାମ୍ପ ଏବଂ ବଡ଼ପଡାରେ ଥିବା ଏଜୁକେସନ କମ୍ପ୍ଲେକ୍ସ ପରିଦର୍ଶନ କରିଛନ୍ତି । ବୁଧବାର ମଧ ଫାଇଭ-ଟି ସଚିବଙ୍କ ଗୁରୁପ୍ରିୟା ସେତୁ, ଚିତ୍ରକୋଣ୍ଡା, କାଲିମେଳା ଓ ମୋଟୁ ଅଂଚଳ ଗସ୍ତ କରି ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ସଚିବଙ୍କ ସହ ଜିଲ୍ଲାପାଳ ବିଶାଲ ସିଂ, ଏସପି ନିତେଶ ୱାଧନୀ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାଏକ, ପିଏଆଇଟିଡିଏ ତ୍ରିନାଥ ମାଝୀ, ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଉପଜିଲ୍ଲାପାଳ ଅକ୍ଷୟ କୁମର ଖେମୁଣ୍ଡୁ, ବିଡ଼ିଓ, ତହସିଲଦାର ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୫-ଟି ସଚିବଙ୍କ ଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଆଦିବାସୀ ମହିଳାମାନେ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ନିଜ ନିଜ ପାରମ୍ପରିକ ନୃତ୍ୟ ସଙ୍ଗୀତ ମାଧ୍ୟମରେ ଗାଁ ଭିତରକୁ ପାଛୋଟି ନେଇଥିଲେ ।

## କେସିସି ବ୍ୟାଙ୍କର ୭୨ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ଜୟପୁର, ୨୯/୦୩ (ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ୭୨ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଜୟପୁର ମୁଖ୍ୟ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଙ୍କ ସଭାପିତିତ୍ୱରେ ଏହି ବାର୍ଷିକ ସଭା ଅନୁଷ୍ଠିତ ହୋଇଛି । ଉକ୍ତ ସଭାରେ ବ୍ୟାଙ୍କ ଉପ ସଭାପତି ଦୁରୁପୁଦା ଭତ୍ରା, ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଷକ, ଅବିଭକ୍ତ କୋରାପୁଟ ଜିଲାରୁ ଅସିଥିବା ଅନୁବନ୍ଧିତ ସମବାୟ ସମିତି ମାନଙ୍କର ପ୍ରତିନିଧି ଯୋଗଦେଇଥିଲେ । ବ୍ୟାଙ୍କର ସମ୍ପାଦକ କୃଷ୍ଣଚନ୍ଦ୍ର ଦାନି, ସମସ୍ତ ଅଂଶୀଦାର ସଭ୍ୟା ସଭ୍ୟ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏବଂ ବ୍ୟାଙ୍କ ମୁଖ୍ୟ କାଯ୍ୟାଳୟର ବରିଷ୍ଠ ପରିଚାଳକ ହରି ହର ତ୍ରିପାଠି, ନିର୍ଦ୍ଧାରିତ, ନିଦ୍ଧାରଣ ଅନୁସାରେ ସଭା କାର୍ଯ୍ୟ କରିଚାଳନା କରିଥିଲେ । ଉକ୍ତ ସଭାରେ ବ୍ୟାଙ୍କର ଅଡିଟ ରିପୋର୍ଟ ୨୦୨୧-୨୨ ଗ୍ରହଣ କରାଯାଇଥିଲା ବ୍ୟାଙ୍କର ଆୟବ୍ୟୟ ଅଟକଳ ଅନୁବନ୍ଧିତ କରାଯାଇଥିଲା । ତଥା ୨୦୨୧-୨୨ ଆର୍ଥିକ ବର୍ଷର ଅଟକଳ କରାଯାଇଥିଲା । ବ୍ୟାଙ୍କର ସଭାପତି ଆଗାମି ଦିନରେ ଓଡିଶାର ସରକାର ଗ୍ରହଣ କରିବାକୁ ଯାଉଥିବା ବିଭିନ୍ନ ଯୋଜନା ମାଧ୍ୟମରେ ସମବାୟ ସମିତିକୁ ଅଧିକ ଲୋକାଭିମୁଖି କରିବା ପାଇଁ ସମସ୍ତ ଅଂଶିଦାର ସଭ୍ୟା ସଭ୍ୟ ମାନଙ୍କୁ ଅନୁରୋଧ କରିଥିଲେ । ଏହି ସଭାରେ ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇ ତଥା ବୃହତ କାର ବହୁମୁଖି ସମବାୟ ସମିତି ମାନଙ୍କୁ ଲାଭବାନ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା ।

## ଚିତ୍ରକୋଣ୍ଡାରେ ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୯/୦୩ (ନି.ପ୍ର): ମାଲକାନଗିରି ଜିଲା କୃଷି ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବଡ଼ଫାର୍ମ ଠାରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ସାତଗୋଟି ପଂଚାୟତର କୋଡିଏ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା ମାନଙ୍କୁ ନେଇଆଜି ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶାରୁ ପୃଷ୍ଟିହୀନତା ଦୂର କରିବାକୁ ପ୍ରତେକ ପରିବାରକୁ ବିଭିନ୍ନ ଫଳ ମୂଳ ଗଛ ଦିଆଯିବା ସହ ପ୍ରତି ଘରେ ଘରେ ମାଣ୍ଡିଆରୁ ତିଆରି ବିଭିରନ୍ନ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ କୃଷି ଏବଂ ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରୟାସ ଜାରି ରହିଛି । ଏହି ଅବସରରେ କୃଷି ବିଭାଗ ତରଫରୁ କୋଡିଏ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମିନି ପାୱାରଟିଲର ପ୍ରଦାନ କରାଯାଇ ଯାହାକି କୃଷି ବିଭାଗ ତରଫରୁ କୃଷି ଯନ୍ତ୍ରପାତି ୭୫ ଶତକଡା ସବସିଡି ରେ ପ୍ରଦାନ କରାଯାଇଛି । ଏଥି ସହ ମାଣ୍ଡିଆ ରେ ଚାଷ ଓ ଖାଦ୍ୟ କୁ ଗୁରୁତ୍ୱା ରୋପ କରାଯାଇଥିବା ବେଳେ ଉଦ୍ୟାନ କୃଷି ତରଫରୁ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଏକ ବକ୍ସ କିଟ ରେ ସାତ ପ୍ରକାର ଫଳ ଓ ପନିପରିବା ଗଛ ପ୍ରଦାନ କରାଯାଇଥିଲା । ଲେମ୍ବୁ, ମୁନିଙ୍ଗା, କଦଳୀ, ଅମୃତ ଭଣ୍ଡା ସହ ଅନ୍ୟାନ୍ୟ ଗଛ ପ୍ରଦାନ କରାଯାଇଥିଲା । ପୃଷ୍ଟିହୀନତା ରୋକିବାକୁ ପ୍ରତି ଘର ଚାରି ପାଖରେ ଆବଶ୍ୟକୀୟ ଫଳ ଓ ପନିପରିବା ଖାଇବାକୁ ପାଇଲେ ଗୋଟିଏ ଶିଶୁ, କିଶୋରୀ ବାଳିକା କି ଗର୍ଭବତୀ ମହିଳା ପୃଷ୍ଟିହୀନତା ଶିକାର ହେବ ନାହିଁ । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର କୃଷି ଓ ସଶକ୍ତିକରଣ ପରାମର୍ଶଦାତା ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ମାଲକାନଗିରି ଜିଲା ମୁଖ୍ୟ କୃଷି ଅଧିକାରୀ ନନ୍ଦାଗିରି ହୟଗ୍ରୀବ ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ମହେନ୍ଦ୍ର ମାଝୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ବ୍ଲକ କୃଷି ଅଧିକାରୀ ପରମେଶ୍ୱର ଜେନା ପରିଚାଳନା କରିଥିଲେ । ଘରେ ଘରେ ପୃଷ୍ଟି ପ୍ରୟାସ କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋବନ୍ଦପାଲି ଏଡିଓ ସନ୍ଦୀପ କୁମାର ସାହୁ, ମାଲକାନଗିରି ଏଏଇ ସନ୍ଦୀପ କୁମାର ସରକାର, ଉଦ୍ୟାନ କୃଷି ର ଚିତ୍ରକୋଣ୍ଡା ସହ ଉପନିର୍ଦ୍ଦେଶକ ନମିତା ମାଢ଼ି, ୱାସନ ଅନୁଷ୍ଠାନ ର ଡିପିଏମ ସୌମ୍ୟ ରଞ୍ଜନ ମାଝୀ, ପିଏ ଏମ ଅଭିଷେକ ମହାନ୍ତି, ପ୍ରକଳ୍ପ ଯନ୍ତ୍ରୀ ପ୍ରତିଦେନ୍ଦୁ ପ୍ରୀତିଭୂଷଣ ଓ ଚିତ୍ରକୋଣ୍ଡା ପିଏ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମଲ ଅତିଥିଭାବେ ଯୋଗଦେଇ ସହଯୋଗ କରିଥିଲେ ।

## ଭିତିଭୂମି ଉନ୍ନୟନ ସକାଶେ ଜିଲ୍ଲାର ୨୪ଟି କଲେଜକୁ ୧୦ କୋଟି ୨୫ ଲକ୍ଷ ଟଙ୍କାର ଅନୁଦାନ

ଝାରସୁଗୁଡ଼ା, ୨୯/୦୩ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ୨୪ଟି ମହାବିଦ୍ୟାଳୟରେ ଭିତିଭୂମି ଉନ୍ନୟନ ସକାଶେ ରାଜ୍ୟ ସରକାର ୧୦ କୋଟି ୨୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ଗତ ୨୨ ତାରିଖରେ ଆଭାସି ମାଧ୍ୟମରେ ଭିତିଭୂମି ପ୍ରକଳ୍ପ ଓ ଜୀବିକା ସଂକ୍ରାନ୍ତରେ ସାଧାରଣ ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି କେ ପାଣ୍ଡିଆନ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ୨୪ଗୋଟି ଡିଗ୍ରୀ ଓ ଜୁନିଅର କଲେଜ ତରଫରୁ କଲେଜର ଭିତିଭୂମି ଉନ୍ନୟନ ସକାଶେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କଲେଜ ଗୁଡ଼ିକର ଭିତିଭୂମି ଜନିତ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ ସ୍ୱରୂପ ରାଜ୍ୟ ସରକାର ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି ।

ଅନୁଷ୍ଠିତ ଏହି ଆଭାସି ମାଧ୍ୟମରେ ଜିଲ୍ଲାର ସମସ୍ତ ୨୪ଟି ଯାକ କଲେଜର ଅଧକ୍ଷ, ଛାତ୍ରଛାତ୍ରୀ, କଲେଜ ପରିଚାଳନା ସମିତି ସମେତ ପଂଚାୟତ ସମିତି ଅଧକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଂଚ ଓ ସମିତି ସଭ୍ୟ ପ୍ରମୁଖ ଜନ ପ୍ରତିନିଧି ମାନେ ପଂଚାୟତ ସମିତି କାର୍ଯ୍ୟାଳୟରେ ଆଭାସି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭିତିଭୂମି ଉନ୍ନୟନ ପାଇଁ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଥିଲେ । ଅଗ୍ରାଧିକାର ଭିତିରେ ଅନୁମୋଦିତ ଅର୍ଥ ଖର୍ଚ୍ଚ କରିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଓ ମାନ ରକ୍ଷା କରିବା ପାଇଁ ସଚିବ ପରାମର୍ଶ ଦେଇଥିଲେ । ଲଖନପୁର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଉପସ୍ଥିତ ଥିଲାବେଳେ ଜିଲ୍ଲା କାର୍ଯ୍ୟାଳୟର ଅସ୍ୱାନ କକ୍ଷରେ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବଲାଙ୍ଗିର ସମଲେଶ୍ୱରୀ ମନ୍ଦିରରେ ଚୈତ୍ର ପର୍ବ

ବଲାଙ୍ଗିର, ୨୯/୦୩ (ନି.ପ୍ର): ବଲାଙ୍ଗିର ସମଲେଶ୍ୱରୀ ମନ୍ଦିରରେ ମଙ୍ଗଳବାର ଦିନ ଚୈତ୍ର ପର୍ବ ପାଳନ କରାଯାଇଅଛି । ସକାଳୁ ମନ୍ଦିରରେ ଭକ୍ତମାନେ ଗହଳି ଲାଗିଥିବା ବେଳେ ମନ୍ଦିର ପରିସରରେ ବଳି ପିଠରେ ମାନସିକଧାରୀମାନେ ପଶୁବଳି ଅର୍ପଣ କରିଥିବା ବେଳେ ସକାଳୁ ରୀତିନୀତି ଅନୁସାରେ ଗୁପ୍ତ ପୂଜା ଅନୁଷ୍ଠିତ ହେବା ପରେ ମହା ଆଳତି ହୋଇଥିଲା । ଆମ୍ବ ବଉଳ, ଚାର, ଫଳସାଫୁଲ ସଜ୍ଜିତ ହୋଇ ଛେରା ପହରା ବାହାରିଥିଲା । ଘଂଟ, ଶଙ୍ଖ ବାଦ୍ୟରେ ଏହାକୁ ପାଛୋଟି ନିଆଯାଇଥିଲା । ଏହାକୁ କେବଳ ଉପବାସ କରୁଥିବା କଷ୍ଟାଧାରୀମାନେ ହିଁ ବୋହିଥିଲେ । ମନ୍ଦିରରୁ ବାହାରି ଡେର୍ଲିମାର୍କେଟ ରୋଡ ଦେଇ ରେଲୱେ ଷ୍ଟେସନ ରୋଡ, ମାଳପଡା ମେଟାକାନି ମନ୍ଦିର ଦେଇ ସୁଦପଡା ଓ ଗାନ୍ଧିନଗରପଡା ଏଭଳି ସହରର ୪ଟି ଦିଗରେ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିରକୁ ଫେରିବା ପରେ ସକଳ ବିଶ୍ୱ କଲ୍ୟାଣ ଶାନ୍ତି ପ୍ରତିଷ୍ଠା, ବଲାଙ୍ଗିର ରୁ ରୋଗ ବ୍ୟାଧି ଦୂର ସହ ସମସ୍ତଙ୍କ ସୁଖ ସମୃଦ୍ଧ ଜିବନ ପାଇଁ ଦେବୀ ମାଁ ସମଲେଇଙ୍କୁ ପ୍ରାର୍ଥନା କରାଯାଇଥିଲା । ଏହି ଚୈତ୍ର ପର୍ବ ପାଇଁ ମନ୍ଦିରରେ ଢେର ସମୟ ଧରି ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ମନ୍ଦିରର ପୂଜକ ଅକ୍ଷୟ ଦିସ୍ରୀ ପୂଜା ଦାୟିତ୍ୱ ତୁଲାଇଥିଲେ ।

## ମଠକରଗୋଳାରେ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ଭୁବନ, ୨୯/୦୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମଠକରଗୋଳା ସେବା ସମବାୟ ସମିତି ପରିସରରେ ସମିତି ସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଆୟୋଜିତ ହୋଇଯାଇଛି । ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ର ସଭାପତି ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ , ଚାଷୀ ଭାଇ ମାନେ ହେଉଛନ୍ତି ସମାଜର ମେରୁଦଣ୍ଡ । ଚାଷୀ ଙ୍କ ଉନ୍ନତି ନହେଲେ ଦେଶର ଉନ୍ନତି ଅସମ୍ଭବ । ଚାଷ ଓ ଚାଷୀ ଭାଇ ମାନଙ୍କ ଉନ୍ନତି ସକାଶେ ରାଜ୍ୟ ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା କରିଛନ୍ତି । ଆପଣମାନେ ଏହି ସୁବିଧାର ଫଇଦା ନେବାକୁ ଆହ୍ୱାନ କରିଥିଲେ । ମଠକରଗୋଳା ସେବା ସମବାୟ ସମିତି ସଭାପତି ନିରଂଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ୧୨ ନମ୍ବର ଜୋନ ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ଯୋଗଦେଇ ଭୁବନ, ବାରୁଆଁ, ସୁରପ୍ରତାପପୁର , ବାଲିବୋ ,ମହୁଲପାଳ ଏବଂ ମାର୍ଥାପୁର ସମିତି ର ଗୋଦାମ ଗୃହ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୧ କୋଟି ୫୦ ଲକ୍ଷ ଟଙ୍କା ମଂଜୁର କରାଇଥିବା ସଂପର୍କରେ ସୂଚନା ଦେଇଥିଲେ ଏବଂ ଖୁବ ଶୀଘ୍ର ଏଟିଏମ ମଧ ଖୋଲିବ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଡିଆରସିଏସ ଶ୍ରୀମତୀ ସରୋଜିନୀ ଜେନା, ଭୁବନ ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏୟୁସିସି ବ୍ୟାଙ୍କ , ଭୁବନ ଶାଖା ପରିଚାଳକ ଗଣେଶ୍ୱର ଖଟୁଆ , ବ୍ୟାଙ୍କ ସୁପରଭାଇଜର କ୍ଷୀରୋଦ ଚନ୍ଦ୍ର ପାତ୍ର ,ଏଜିଏମ ଅକ୍ଷୟ ମୁଦୁଲି, ଏଆରସିଏସ ଇନ୍ସପେକ୍ଟର ବିମଳ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷିଭିତିକ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ସମିତିର ସମସ୍ତ ଡାଇରେକ୍ଟର ଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ । ଅନୁରୂପଭାବେ ଭୁବନ ବ୍ଲକର ଜିରାଳ ,ସୁରପ୍ରତାପପୁର , ଭୂଷଳ, ବାଲିବୋ ଏବଂ ଭୁବନରେ ମଧ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

## ଅନୁସୂଚିତ ଜାତି ଓ ଜନଜାତି ଆଇନ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଏସ୍‌ସି, ଏସ୍‌ଟି ଆଟ୍ରୋସିଟି ଆକ୍ଟ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଥିଲା । କେନ୍ଦ୍ରାପଡା ବ୍ଲକ ଅଧିନ ଗାଙ୍ଗପଡା ପଂଚାୟତର ଦୋବନ୍ଧା ୟୁପି ସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁ ଅଧକ୍ଷତା କରି ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନଙ୍କ ପାଇଁ ଆଇନରେ କି କି ପ୍ରକାର ସୁବିଧା ରହିଛି ସେ ସଂପର୍କରେ ଉପସ୍ଥିତ ଥିବା ଲୋକଙ୍କୁ ଜଣାଇଥିଲେ । ଆୟୋଜିତ ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପାରା ଲିଗାଲ ଭଲେଣ୍ଟିଅରଙ୍କ ସହ ସୁଧିର କୁମାର ମଲିକ, ଶ୍ରୀକାନ୍ତ କୁମାର ସ୍ୱାଇଁ, ଦେବବ୍ରତ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

## ରୁଗୁଡିପଡ଼ା ଦୁର୍ଗାମଣ୍ଡପରେ ଆରମ୍ଭ ହେଲା ମାଁଙ୍କ ବାସନ୍ତୀକ ଦୁର୍ଗାପୂଜା

ବଲାଙ୍ଗୀର, ୨୯/୦୩ (ନି.ପ୍ର): ଆଜି ମାଁ ଜଗତ ଜନନୀ ଦୁର୍ଗାଙ୍କ ଚୈତ୍ର ନବରାତ୍ର ଚାଲିଥିବା ସମୟରେ ପ୍ରତିବର୍ଷ ପରି ଏ ବର୍ଷ ମଧ ବଲାଙ୍ଗୀର ରୁଗୁଡିପଡା ଦୁର୍ଗାପୂଜା ଟ୍ରଷ୍ଟ ଆନୁକୁଲ୍ୟରେ ଷଷ୍ଠୀ ତିଥି ଅନୁଯାୟୀ ଗତ କାଲି ମାଁଙ୍କ ବେଲ୍ୱବରଣ କରାଯାଇ ଆଜି ସପ୍ତମୀ ତିଥିରେ ସକାଳ ୬ ଘଂଟା ସମୟରେ କଳସ ଶୋଭାଯାତ୍ରା ଓ ଖଣ୍ଡା ପୂଜନ କରାଯାଇ ମଣ୍ଡପ ଠାରେ ପ୍ରାରମ୍ଭିକ ସୂର୍ଯ୍ୟ ପୂଜା କରାଯାଇ ମୃଣ୍ମୟୀ ମାଁ ସପ୍ତମୀ ପୁଜାର୍ଚ୍ଚନା କରାଯାଇଛି । ଏହି ପୂଜାବିଧିରେ ଜଗବନ୍ଧୁ ନାୟକ ଓ ସହଧର୍ମିଣୀ ଅନୁପମା ନାୟକ କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ମୁଖ୍ୟ ପୂଜକ ରଘୁପତି ପୁରୋହିତ ତୁଲାଉଥିବା ବେଳେ ନିରଞ୍ଜନ ମହାପାତ୍ର, ବିଶେଶ୍ୱର ପୁଝାରୀ, ସତ୍ୟନାରାୟଣ ପଣ୍ଡା, ଲକ୍ଷ୍ମୀ ମହାରଣା, ଡମ୍ବରୁଧର ପସାୟତ, ଭାଗରଥି ମହାକୁର, ବୁବୁନ ନାୟକ, ସ୍ୱସ୍ତିକ, ଶିଶିର ଏବଂ ଅଭିଷେକ ଚନ୍ଦନ ମଣ୍ଡପରେ ସହଯୋଗ କରୁଥିବା ବେଳେ ଆଜିର ଶୋଭାଯାତ୍ରାରେ କମିଟିର ସଭାପତି ଚେତନାନନ୍ଦ ପଣ୍ଡା, ଉପ-ସଭାପତି ସଞ୍ଜିବ ଶତପଥି, ପ୍ରଦିପ ପଟ୍ଟନାୟକ, ସହସଂପାଦକ କାହ୍ନୁ ବଗର୍ତ୍ତି, ଟିଙ୍କୁ ବାଗ, କୋଷାଧକ୍ଷ ଦେବାଶିଷ ମହାକୁର, କାର୍ଯ୍ୟକାରୀ ସଦସ୍ୟ ଶିବାନନ୍ଦ ବାଗ, ନୟନ ମହାନ୍ତି, ଶ୍ରୀକାନ୍ତ ରାଉତ, ଜିତୁ ଦାସ, ତାପସ ମହାନ୍ତି, ସଙ୍କେତ ବଗର୍ତ୍ତି, ଚରଣ ସାହାଣୀ, ଆନନ୍ଦ ସାହୁ, ତପନ ସେଠ୍ , ସୁମିତ ବଗର୍ତ୍ତି, ପ୍ରମୋଦ ନନ୍ଦ, ଯୋଗେନ୍ଦ୍ର ନିଆଲ, ରାହୁଲ ସେଠ୍, ତଥାଗତ ବାଗ, ରୋଶନ ଦିପ, ଗଣେଶ ସେଠ୍, ଗୋପାଳ ବହିଦାର, ରଞ୍ଜିତ ମଣ୍ଡଳ, ପ୍ରଦିପ ନାଏକ, ପ୍ରଦିପ ମେହେର ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟା ୭ ଘଂଟା ସମୟରେ ସନ୍ଧ୍ୟା ଆଳତୀ ହେଉଥିବା ବେଳେ ୨୯ ତାରିଖ ସନ୍ଧ୍ୟା ୮.୫୫ ମି. ରୁ ଘ.୯.୧୫ ମି. ମଧ୍ୟେ ସନ୍ଧିପୂଜା, ୩୦ ତାରିଖରେ ମହାନବମୀ ପୂଜା ଏବଂ ୩୧ ତାରିଖରେ ଦଶମୀ ପୂଜା ଓ ଅପରାଜିତ ପୂଜା ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ଦିଆଯାଇଛି ।

## ସ୍ଥାୟୀ ଲୋକ ଅଦାଲତ ସଂପର୍କରେ ସଚେତନା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୯/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାୟୀ ଲୋକ ଅଦାଲତ ସଂପର୍କରେ ଏକ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରମାନେଣ୍ଟ ଲୋକ ଅଦାଲତର ଉପକାରିତା ସଂପର୍କରେ ଆଲୋକପାତ କରିଥିଲେ । ଏହି ଶିବିରରେ ବରିଷ୍ଠ ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସୁରେନ୍ଦ୍ର ଜେନା ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ଲୋକ ଅଦାଲତ ସଂପର୍କରେ ଉପସ୍ଥିତ ଥିବା ଜନ ସାଧାରଣଙ୍କୁ ସଚେତନ କରିଥିଲେ । ଏହି ଶିବିରରେ ବହୁ ସଂଖ୍ୟକ ସ୍ଥାନୀୟ ପଂଚାୟତବାସୀ ଉପସ୍ଥିତ ଥିଲେ ।

# ୧୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନର ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ



ରାଉରକେଲା, ୨୯/୦୩ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ ଦ୍ୱୟ ମାର୍ଚ୍ଚ ୨୯ ତାରିଖରେ ୧୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନର ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୧୯୫୯ ମସିହା ଜାନୁଆରୀ ମାସରେ ଷ୍ଟିଲ ମେଲ୍ଟିଂ ସପ-୧ର କମିଶନିଙ୍ଗ ସହ ଆରଏସପିରେ ଇସ୍ପାତ ନିର୍ମାଣର ଯାତ୍ରା ଆରମ୍ଭ ହୋଇଥିଲା। ୧୯୯୬ ରେ ଷ୍ଟିଲ ମେଲ୍ଟିଂ ସପ-୨ ଉତ୍ପାଦନ ଆରମ୍ଭ କରିବା ସହିତ ଏହା ଅଧିକ ଶକ୍ତିଶାଳୀ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ସମୁଦାୟ ଇସ୍ପାତ ଉତ୍ପାଦନ ମଧ୍ୟରୁ ଶେଷ ୫୦ ନିୟୁତ ଟନ ଅଶୋଧିତ ଇସ୍ପାତ ଉତ୍ପାଦନ ମାତ୍ର ୧୯ ବର୍ଷ ମଧ୍ୟରେ ହାସଲ କରାଯାଇଥିଲା। ଅଧିକନ୍ତୁ, ଶେଷ ୧୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ୩ ବର୍ଷ ୨ ମାସ ମଧ୍ୟରେ ଉତ୍ପାଦିତ ହୋଇଥିବାବେଳେ ଗତ ଏକ ବର୍ଷ ମଧ୍ୟରେ ୪ ନିୟୁତ ଟନ୍ ରୁ ଅଧିକ ଅଶୋଧିତ ଇସ୍ପାତ ଉତ୍ପାଦନ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକ ମାର୍ଚ୍ଚ ୨୯ ତାରିଖରେ ଷ୍ଟିଲ ମେଲ୍ଟିଂ ସପ-୧ ବିଭାଗ ପରିଦର୍ଶନ କରିଥିଲେ। ତାଙ୍କ ଗହଣରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ ଏବଂ ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଏ କେ ବେହୁରିଆ ଏହି ଗସ୍ତରେ ସାମିଲ ଥିଲେ। ଏହି ଅବସରରେ ଉଭୟ ଷ୍ଟିଲ ମେଲ୍ଟିଂ ସପର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ତଥା ବହୁ ସିଜିଏମ, ବିଭାଗ ମୁଖ୍ୟ ତଥା ଟ୍ରେଡ ୟୁନିଅନ୍ ଏବଂ ଅଧିକାରୀ ସଂଘର ପ୍ରତିନିଧୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଡ଼ିଆଇସି "ଉମିଦ୍-ଭର୍ଟିକାଲ୍ ଗାର୍ଡେନ୍ ଆଣ୍ଡ ଲିଲି ପଣ୍ଡ" ନାମକ ଏକ ପାର୍କର ଉଦଘାଟନ କରିଥିବା ବେଳେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ "ଆସ୍ଥା- ଲିଲି ଆଣ୍ଡ ଫିସ୍ ପଣ୍ଡ"ର ଉଦଘାଟନ କରିଥିଲେ। ଏହି ଉତ୍ସବ ପାଳନ ପରିପ୍ରେକ୍ଷୀରେ ଏକ କେକ କଟା ଯାଇଥିଲା। ତା'ପରେ, ୧୦୦ ନିୟୁତ ଟନ ଅଶୋଧିତ ଇସ୍ପାତ ଉତ୍ପାଦନର ଶୁଭେଚ୍ଛା ବାର୍ତ୍ତା ସହିତ ଏକ ହିଲିୟମ୍ ବେଲୁନ୍ ମଧ୍ୟ ଷ୍ଟିଲ୍ ମେଲ୍ଟିଂ ସପ-୧, ସିଜିଏମ୍ ଅଫିସ୍ ବିଲଡିଂରୁ ଆକାଶକୁ ଉନ୍ମୁକ୍ତ କରାଯାଇଥିଲା। ଏହି ସଫଳତା ପାଇଁ ସାମୁହିକଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଭୌମିକ କହିଥିଲେ ଯେ , "ଏସଏମଏସ-୧ ଓ ୨ ତଥା ସମସ୍ତ ସହଯୋଗୀ ୟୁନିଟ୍ ର କର୍ମଚାରୀମାନଙ୍କର ପ୍ରୟାସ ଦ୍ୱାରା ଏହି ମାଇଲଖୁଣ୍ଟ ଅତିକ୍ରମ ହୋଇପାରିଛି।" ପ୍ରଶଂସନୀୟ ସଫଳତା ପାଇଁ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ, ଶ୍ରୀ ପି କେ ଶତପଥୀ ଏବଂ ଶ୍ରୀ ଏ କେ ବେହୁରିଆ ମଧ୍ୟ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏସଏମଏସ-୧ ବିଭାଗର ସିଜିଏମ, ଶ୍ରୀ ରାମକୃଷ୍ଣ ପାତ୍ର ଓ ଏସ୍ଏମ୍ଏସ୍-୨ ବିଭାଗର ସିଜିଏମ, ଶ୍ରୀ ଟି.ପି. ଶିବଶଙ୍କରଙ୍କ ନେତୃତ୍ୱରେ କର୍ମଚାରୀମାନେ ସେମାନଙ୍କ ଠାରୁ ଶୀର୍ଷ ପ୍ରବନ୍ଧନର ଆଶାଆକାଂକ୍ଷା ପୂରଣ କରିବାକୁ ସମସ୍ତ ପ୍ରୟାସ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ଅତ୍ୟାଧୁନିକ ଟେନିସ କୋର୍ଟ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଂଧ୍ୟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ଅତ୍ୟାଧୁନିକ ଟେନିସ କୋର୍ଟ ଉଦଘାଟନ କରିଛନ୍ତି । ନୂତନ ଷ୍ଟାଡିୟମରେ ଏକାସଙ୍ଗେ ୧୫ଶହ ଦର୍ଶକ ବସି ମ୍ୟାଚ୍ ଦେଖିପାରିବେ। ଷ୍ଟାଡିୟମ ପରିସରରେ ବିଶ୍ୱସ୍ତରୀୟ କନଫରେନ୍ସ ରୁମ, ଲାଉଂଜ, ମେଡିକାଲ ରୁମ, ଟୁର୍ଣ୍ଣାମେଂଟ ଡାଇରେକ୍ଟର ରୁମ, ବ୍ରଡକାଷ୍ଟ ରୁମ, ମିଡିଆ ସେଂଟର, ଡ୍ରେସିଂ ରୁମ ବି ଅଛି। ନୂଆ ଷ୍ଟାଡିୟମ ସହ ଅନ୍ୟ ୧୦ଟି ଟେନିସ କୋର୍ଟ ମଧ୍ୟ କଳିଙ୍ଗ ଷ୍ଟାଡିୟମ ପରିସରରେ ପୂର୍ବରୁ ରହିଛି। ଯେଉଁଠି ୬ଟି ସିନ୍ଥେଟିକ କୋର୍ଟ ଓ ୪ଟି ପ୍ଲେ କୋର୍ଟ ମଧ୍ୟ ରହିଛି। ନୂଆ ଷ୍ଟାଡିୟମରେ ଏସିଆନ୍ ଟେନିସ ଚାମ୍ପିୟନସିପ ଖେଳାଯିବ । ଆସନ୍ତା ଏପ୍ରିଲ ୪ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ। ଜୁନିୟର ସ୍ତରରେ ହେଉଥିବା ପ୍ରତିଯୋଗିତାରେ ଏସିଆର ୧୫ଟି ଦେଶ ଅଶଂଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## ଶହୀଦ୍ ଲକ୍ଷ୍ମଣ ନାଏକଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶ୍ରଦ୍ଧାଂଜଳି

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ ବିପ୍ଲବୀ ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଜିଲ୍ଲା ପ୍ରଶାସନ ଓ ଚାଇଲ୍ଡ ଲାଇନ ଭଦ୍ରକ ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା



ଭଦ୍ରକ, ୨୯/୦୩ (ନି.ପ୍ର): ଓଡିଶା ଦିବସ ପାଳନ ୨୦୨୩ ଉପଲକ୍ଷେ ଜିଲ୍ଲା ସ୍ତରିଅ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ପ୍ରଶାସନ ଓ ଚାଇଲ୍ଡ ଲାଇନ୍‌ର ମିଳିତ ସହଯୋଗରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ରଙ୍କ ତତ୍ତ୍ୱବଧାନରେ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲର ୪୧ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏଥିରେ ବିଚାରକ ଭାବେ ଆର୍ଟ କଲେଜର ଅଧକ୍ଷ ମନୋଜ କୁମାର ଭଟ୍ଟାଚାର୍ଯ୍ୟ, ଚିତ୍ରଶୀଳ୍ପ ଜୟନ୍ତ କୁମାର ନାୟକ ଓ ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ବରିଷ୍ଠ ବିଭାଗରେ ପ୍ରଜ୍ଞାପରିମିତା ମାରାଣ୍ଡି, ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରଥମ, ପ୍ରତିରେଖା ପଣ୍ଡା, ଜିଲ୍ଲା ସ୍କୁଲ ଭଦ୍ରକ, ଦ୍ୱିତୀୟ, ଜ୍ୟୋତିପ୍ରଭା ମହାଳିକ, ଜନାର୍ଥନ ଉଚ୍ଚ ବିଦ୍ୟାପୀଠ, ସେଣ୍ଡତିରା, ତୃତୀୟ ସେହିପରି କନିଷ୍ଠ ବିଭାଗର ସୋନାକ୍ଷୀ ଶୁଭଦର୍ଶନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, ପ୍ରଥମ, ଆସ୍ଥା ନାୟକ, ଏସ.ବି.ଡି. ଇଣ୍ଟରନ୍ୟାସଲ ସ୍କୁଲ, ଦ୍ୱିତୀୟ, ସ୍ୱେତାଶ୍ରୀ ପାଢ଼ୀ, ପଂଚାୟତ ହାଇସ୍କୁଲ ବେତଡା, ତୃତୀୟ, ଦୀପଙ୍କର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜର, ତୃତୀୟ ସ୍ଥାନରେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରବନ୍ଧୁ ଏବଂ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ଚାଇଲ୍ଡ ଲାଇନର ସଂଯୋଜକ ରମାକାନ୍ତ ଜେନା, ପରାମର୍ଶ ଦାତ୍ରୀ ସ୍ମୃତି ରେଖା ଓଝା, ସଦସ୍ୟ ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ପଣ୍ଡା, ଅର୍ଚ୍ଚନ ନାୟକ ପ୍ରମୁଖ ସହାଯୋଗ କରିଥିଲେ।

## ଶ୍ରୀରାମ ନବବମୀ ମହୋତ୍ସବ-୨୦୨୩

ଭଦ୍ରକ, ୨୯/୦୩ (ନି.ପ୍ର): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ପକ୍ଷରୁ ଐତିହାସିକ ଶ୍ରୀରାମ ନବମୀ ମହାଯଜ୍ଞ ଉପଲକ୍ଷେ ଚଳିତ ବର୍ଷ ରୀତିନୀତି ଅନୁଯାୟୀ ଆଜି ୧୦୮ ଅଖଣ୍ଡ ଅନୁମାନ ଚାଳିଶା ପାଠ କରାଯାଇଛି। ଶ୍ରୀରାମ ମହାଯଜ୍ଞର ଆଜି ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହୋଇଥିବା ଏହି ଅଖଣ୍ଡ ଅନୁମାନ ଚାଳିଶା ପାଠ ଚରମ୍ପା ଅନୁମାନ ଜୀଉ ମନ୍ଦିର ତଥା ଶ୍ରୀରାମ ମନ୍ଦିରର ପୂଜକ ପଣ୍ଡିତ ମରୁତ ନନ୍ଦନଜୀ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଦୀର୍ଘ ୧୦ ଘଣ୍ଟା ଧରି ଗାନ୍ଧୀ ପଡ଼ିଆ ଯଜ୍ଞ ମଣ୍ଡପ ପରିସରରେ ଏହି ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର ସଂଘ ଚାଳକ ନୀଳକଣ୍ଠ ସାହୁ, ପ୍ରତାପ ଦାସ, ଚନ୍ଦନ ବଳ, ହିତେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗ୍ରାମ ପଂଚାୟତ ୱାର୍ଡ ସଭ୍ୟା/ସଭ୍ୟମାନଙ୍କ ନିମନ୍ତେ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭଦ୍ରକ, ୨୯/୦୩ (ନି.ପ୍ର): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଭୁବନେଶ୍ୱର, ଓଡିଶା ଓ ଜିଲ୍ଲା ପରିଷଦ ଭଦ୍ରକ ଦ୍ୱାରା ଆୟୋଜିତ ନିର୍ବାଚିତ ୱାର୍ଡ ସଭ୍ୟା/ସଭ୍ୟ ମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷ ଉର୍ମିଳା ନାୟକଙ୍କ ଦ୍ୱାରା ଆସିଆନା ସଭାଗୃହରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନାଙ୍କ ଦ୍ୱାରା ପ୍ରଦୀପପ୍ରଜ୍ୱଳନ କରି ଉଦ୍‌ଘାଟିତ ହୋଇ ତା।୧୩.୩.୨୦୨୩ରିଖରୁ ୨୯.୦୩.୨୦୨୩ରିଖ ତ୍ରିଦିବସୀୟ ପର୍ଯ୍ୟନ୍ତ ସଭ୍ୟା/ସଭ୍ୟମାନଙ୍କୁ ତାଲିମ ଦିଆଯାଇଛି। ଭଦ୍ରକ ବ୍ଲକର ୩୬ଟି ପଂଚାୟତରୁ ୩୦୦ରୁ ଊର୍ଦ୍ଧ ସଭ୍ୟା/ସଭ୍ୟ ପ୍ରଶିକ୍ଷଣ କର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନ ଦିବସରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, ଭଦ୍ରକ ପ୍ରତାପ ପ୍ରୀତିମୟ ଏବଂ ଗୋଷ୍ଠୀ ଉନ୍ନୟତ ଅଧିକାରୀ ସୀତାକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏମ.ଡି. ତାଜୁଦ୍ଦିନ, ସାଧନା ନାୟକ, ସାବିତ୍ରୀ ବିଶ୍ୱାଳ, ଅନନ୍ତ ଗୋପାଳ, ମାନସୀ ଜେନା ପ୍ରମୁଖ ୱାର୍ଡ ସଭ୍ୟା/ସଭ୍ୟ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତ୍ରିଦିବସୀୟ କାର୍ଯ୍ୟକ୍ରମରେ ପ୍ରତ୍ୟେକ ପଂଚାୟତର ତାଲିମ ପ୍ରାପ୍ତ ୱାର୍ଡ ସଭ୍ୟା/ସଭ୍ୟମାନଙ୍କୁ ବିଭିନ୍ନ ଉନ୍ନୟନ ମୂଳ କାର୍ଯ୍ୟ ହୋଇଥିବା ସ୍ଥାନରେ କ୍ଷେତ୍ରପରିଦର୍ଶନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ୱାର୍ଡ ସଭ୍ୟା/ସଭ୍ୟ ମାନଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଜିଲ୍ଲା ପରିଷଦ, ରୂପାଲି ମହାପାତ୍ର ଓ ଆସିଆନର ସଂପାଦିକା ସୋପିଆ ସେକ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆସିଆନାର ରିଆଜ ଅହମ୍ମଦ, ସସ୍ମିତ ମହାନ୍ତି, ଭାଗ୍ୟଶ୍ରୀ ମହାକୁଡ, ବିକାଶ ରାଉତ, ପ୍ରତୀମା ବଳ, କାଦମ୍ବିନୀ ଜେନା, ସତାବ୍ଦୀ ବେଉରା ପ୍ରମୁଖ ସହଯୋଗ କରିଥିଲେ।

## ଚିକିତ୍ସା ଅବହେଳାରୁ ମହିଳା ମୃତ୍ୟୁ ଅଭିଯୋଗ : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା



ବାଲେଶ୍ୱର, ୨୯/୦୩ (ନି.ପ୍ର): ଫକୀରମୋହନ ମେଡିକାଲ କଲେଜ ହସପିଟାଲ ତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ରୋଗୀସେବାକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ପ୍ରକାଶ ପାଉଛି। ବିଶେଷ କରି ଡାକ୍ତର ଓ ନର୍ସମାନଙ୍କର ଚିକିତ୍ସାରେ ଅବହେଳାକୁ ଯୋଗୁଁ ହେଉଥିବା ରୋଗୀ ମୃତ୍ୟୁକୁ ନେଇ ସାଧାରଣ ଲୋକେ ସରକାରୀ ଡାକ୍ତରଖାନା ପରିବର୍ତ୍ତେ ଖର୍ଚ୍ଚାନ୍ତ ହୋଇ ଘରୋଇ ନର୍ସିଂହୋମକୁ ଯାଉଥିବା ଲକ୍ଷ୍ୟ କରାଯାଇଛି।ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ନର୍ସଙ୍କ ଦାୟିତ୍ୱହିନତା କାର୍ଯ୍ୟଧାରା ଯୋଗୁଁ ଗତ ହୋଲି ବେଳେ ଜଣେ ୮ମାସର ଶିଶୁ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାରେ ଅବହେଳାରୁ ବୁଧବାର ଜଣେ ୬୫ବର୍ଷିୟା ମହିଳାଙ୍କର ମୃତ୍ୟୁକୁ ଉତ୍ତେଜନା ପରିଲକ୍ଷିତ ହୋଇଥିଲା। ସୂଚନା ଅନୁସାରେ ଭୋଗରାଇ ବ୍ଲକ ଅଲାଳବିନ୍ଧା ଗ୍ରାମର ତରୁଲତା ଦାସ(୬୫)ଙ୍କର ମଙ୍ଗଳବାର ହଠାତ ଦେହ ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଜଳେଶ୍ୱର ହସପିଟାଲ ଓ ପରେ ସନ୍ଧ୍ୟା ୭ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଜରୁରୀକାଳୀନ ବିଭାଗରେ ପରୀକ୍ଷା ପରେ ତାଙ୍କର ରକ୍ତଚାପ ହ୍ରାସ ପାଇବା ଯୋଗୁଁ ସେ ଅସୁସ୍ଥ ହୋଇଥିବା ଜଣାପଡ଼ିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବୋହୂ ରାଧାରାଣୀ ପାତ୍ରଙ୍କ ଅଭିଯୋଗ ଅନୁସାରେ, ୱାର୍ଡ଼ରେ ଭର୍ତ୍ତି ହେବାଠାରୁ ତାଙ୍କ ଶାଶୂଙ୍କୁ କେବଳ ସାଲାଇନ ଦିଆ ଯାଇଥିଲେ ବି କୌଣସି ଡାକ୍ତର କିମ୍ବା ନର୍ସ ସେମାନଙ୍କୁ ଚିକିତ୍ସା କରିନଥିଲେ। ଏମିତିକି ରାତିରେ ତାଙ୍କ ଶାଶୁ ବାଉଳିଚାଉଳି ହୋଇ ସାଲାଇନ ପାଇପ ଖୋଲି ଦେଇଥିବା ବେଳେ ସେମାନଙ୍କୁ ଜଣାଇବା ପରେ ମଧ୍ୟ ଡ୍ୟୁଟିରେ ଥିବା ଡାକ୍ତର କିମ୍ବା ନର୍ସ କେହି ରୋଗୀ ଦେଖିବାକୁ ଆସିନଥିଲେ। ଯଦି ଡାକ୍ତରମାନେ ତାଙ୍କୁ ସଠିକ ପରୀକ୍ଷା ସହ ଚିକିତ୍ସା କରିଥା'ନ୍ତ କିମ୍ବା ଚିକିତ୍ସାରେ ବିଫଳ ହୋଇଥାନ୍ତେ, ତାହେଲ ରୋଗୀଙ୍କୁ ଅନ୍ୟତ୍ର ନେଇ ଯାଇଥା'ନ୍ତୁ ବୋଲି ବୋହୂ ଶ୍ରୀମତୀ ପାତ୍ର କହିଥିଲେ। ରାତିସାରା ଯନ୍ତ୍ରଣାରେ ଛଟପଟ ହୋଇ ନିସ୍ତେଜ ଅବସ୍ଥାରେ ଥିବା ତାଙ୍କ ଶାଶୂଙ୍କୁ ବୁଧବାର ପୂର୍ବାହ୍ନ ୧୧ଟା ବେଳ ୱାର୍ଡ଼ ଭିଜିଟରେ ଆସିଥିବା ଡାକ୍ତର ପରୀକ୍ଷା କରିଥିଲେ। ତାଙ୍କ ପରାମର୍ଶ କ୍ରମେ ଦୁଇଟି ଇଞ୍ଜେକ୍ସନ ଦିଆଯାଇଥିଲା। ଇଞ୍ଜେକ୍ସନ ଦେବାର ସ୍ୱଳ୍ପ ସମୟ ପରେ ତାଙ୍କ ଶାଶୂଙ୍କର ମୃତ୍ୟୁ ହୋଇଥିଲା ବୋଲି ବୋହୂ ଶ୍ରୀମତୀ ପାତ୍ର ଅଭିଯୋଗ କରିଛନ୍ତି। ସେହିଭଳି ମାଆଙ୍କର ଏସିଡିଟି ତୀବ୍ର ହେବାରୁ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା ବୋଲି ପୁଅ ସମୀର ଦାସ କହିଛନ୍ତି। ମାତ୍ର ଏଠାରେ ଉଚିତ ଚିକିତ୍ସା କରା ନଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି ବୋଲି ସେ ଆରୋପ ଉଠାଇଛନ୍ତି। ଚିକିତ୍ସାର ଅବହେଳା ଯୋଗୁଁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗରେ ପରିବାର ପକ୍ଷରୁ ଡ୍ୟୁଟିରେ ଥିବା ଡାକ୍ତର ଏବଂ ନର୍ସଙ୍କ ବିରୋଧରେ ଟାଉନଥାନାରେ ଏତଲା ଦେଇଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା ଆଶାରେ ଜିଲାବାସୀଙ୍କ ଦୀର୍ଘଦିନର ଦାବି ଓ ଆନ୍ଦୋଳନ ଫଳରେ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ସ୍ଥାପନ ହୋଇଥିଲା। ସମସ୍ତେ ଆଶା କରିଥିଲେ ଯେ ଏଣିକି ଉନ୍ନତ ସେବା ମିଳିବ ବୋଲି। ବାଲେଶ୍ୱରରେ ମେଡିକାଲ କଲେଜକୁ ୫ ବର୍ଷ ପୂରିବାକୁ ଯାଉଥିବା ବେଳେ ସରକାରୀ ଡାକ୍ତରଖାନାରୁ ଏବେ ଲୋକେ ମୁହଁ ଫେରାଇବାକୁ ଲାଗିଲେଣି। ବିଶେଷ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଦୈତ୍ୟ ଶାସନ ବ୍ୟବସ୍ଥାକୁ ବୁଦ୍ଧିଜୀବୀମାନେ ଦାୟୀ କରିଛନ୍ତି। ଡାକ୍ତରମାନେ ମେଡିକାଲ କଲେଜ ଅଧୀକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନର୍ସ ଓ କର୍ମଚାରୀଙ୍କୁ ପରିଚାଳନା କରୁଛନ୍ତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ନରହିବା ଫଳ ରୋଗୀଙ୍କୁ ଭୋଗିବାକୁ ପଡୁଛି ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ମେ ୧୦ରେ ଝାରସୁଗୁଡ....

ଶୁକ୍ରବାର ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ, ମଇ ୧୦ ତାରିଖ (ବୁଧବାର) ମତଦାନ ଦିବସ, ମଇ ୧୩ ତାରିଖ ଶନିବାର ଭୋଟ ଗଣତି ଓ ମଇ ୧୫ ତାରିଖ ଦିନ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ତାରିଖ ଘୋଷଣା ସମୟରୁ ହିଁ ଝାରସୁଗୁଡ଼ା ବିଧାନସଭା ମଣ୍ଡଳୀ ସହ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୨୧୦୭୦ ଏବଂ ସେଥି ମଧ୍ୟରୁ ୧୧୦୩୨୦ ଜଣ ପୁରୁଷ ଓ ୧୧୦୬୮୭ ଜଣ ମହିଳା ଓ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୨୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି । ସେଥି ମଧ୍ୟରୁ ୧୪୪୯ ଜଣ ପୁରୁଷ ଓ ୧୦୭୭ ଜଣ ମହିଳା ଭୋଟର ଅଛନ୍ତି ଓ ୮୦ ବର୍ଷରୁ ଊର୍ଦ୍ଧ୍ୱର୍ ୪୦୭୪ ଜଣ ବରିଷ୍ଠ ଭୋଟର ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସାମ୍ବାଦିକମାନଙ୍କୁ ଜଣାଇଛନ୍ତି । ସେହିପରି ଝାରସୁଗୁଡ଼ା ବିଧନସଭା ନିର୍ବାଚନୀ ମଣ୍ଡଳୀରେ ୨୦୬ ଗୋଟି ସ୍ଥାନରେ ସମୁଦାୟ ୨୫୩ ଗୋଟି ଭୋଟଗ୍ରହଣ କେନ୍ଦ୍ର ରହିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆବଶ୍ୟକ ହେଉଥିବା ଇଭିଏମ୍ ଓ ଭିଭିପ୍ୟାଟ୍ ପର୍ଯ୍ୟାପ୍ତ ପରିମାଣରେ ମଜବୁତ ଅଛି ଓ ସେସବୁଗୁଡ଼ିକର ପ୍ରାଥମିକ ସ୍ତରୀୟ ତନଖି କାର୍ଯ୍ୟ ସମାପ୍ତ ହୋଇଛି। ସମଗ୍ର ନିର୍ବାଚନ ମଣ୍ଡଳୀରେ ଥିବା ବୁଥଗୁଡ଼ିକରେ ଉପନିର୍ବାଚନ ସମୟରେ ଭୋଟରମାନଙ୍କ ସୁବିଧା ପାଇଁ ସର୍ବନିମ୍ନ ମୌଳିକ ସୁବିଧା ଯଥା-ପାନୀୟ ଜଳଯୋଗାଣ, ପାଇଖାନା, ରାମ୍ପ ଓ ବିଦ୍ୟୁତ ସଂଯୋଗ ଇତ୍ୟାଦିଗୁଡ଼ିକ ଯୋଗାଇ ଦିଆଯିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁ ପରେ ଖାଲି ହୋଇଛି ଝାରସୁଗୁଡ଼ା ବିଧାନସଭା ଆସନ।

### ବଡେଇ ବାଙ୍କ ଛକରେ....

ନୀତିକାନ୍ତିରେ ଅହେତୁକ ବିଳମ୍ବ ଯୋଗୁଁ ଆଜି ରଥଟଣା ବିଳମ୍ବରେ ଆରମ୍ଭ ହୋଇଥିଲା। ବୁଧବାର ୩ଟା ୩୦ରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଂଟ ହୋଇଥିଲା। କିନ୍ତୁ ନୀତିକାନ୍ତିରେ ବିଳମ୍ବ ଯୋଗୁଁ ୫ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ରୁକୁଣା ରଥ ଦେଖିବା ଲାଗି ଭକ୍ତଙ୍କ ମଧ୍ୟରେ ଆଜି ସକାଳୁ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ଆଜି ଦିନ ତମାମ ଚଳଚଞ୍ଚଳ ହୋଇଥିଲା ଏକାମ୍ର କ୍ଷେତ୍ର । ରୁକୁଣା ରଥଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ସହ ୧୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥଲେ।

### ମହଙ୍ଗା ହେବ ଅତ୍ୟାବଶ୍ୟକ....

କଂପାନୀ ଉପରେ ଚାପ ପଡୁଥିବାରୁ ଦର ବଢାଇବାକୁ ବାଧ୍ୟ ହୋଇଥିବା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ କୁହାଯାଇଛି । ଔଷଧର ଦର ବଢିବା ଖବର ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି । ଏ ହେଉଛନ୍ତି, ପିପିଲିର ଶରତ ବେହେରା । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ଆସିଛନ୍ତି । ମେଡିକାଲରୁ ଯେଉଁ ଔଷଧ ମିଳେନି ସେଇସବୁ ଦୋକାନରୁ କିଣିଥାନ୍ତି । କିନ୍ତୁ ଏବେ ଔଷଧ ଦର ବଢିଗଲେ ବହୁ ସମସ୍ୟା ହେବ ବୋଲି ସେ କହିଛନ୍ତି । ତେବେ ଏଭଳି ପରିସ୍ଥିତିରେ ଜେନେରିକ୍ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ବରିଷ୍ଠ ଚିକିତ୍ସକ । ଔଷଧ ଦର ନିୟନ୍ତ୍ରଣ ଉପରେ କେନ୍ଦ୍ର ସରକାର ବିଚାର କରି ହସ୍ତକ୍ଷେପ କରନ୍ତୁ ବୋଲି ସାଧାରଣ ଲୋକ ନିବେଦନ କରିଛନ୍ତି ।

### ଆଜି ଭଦ୍ରକ-ନୟାଗଡ଼ ଟାଉନ-ଭଦ୍ରକ....

ଶୁଭାରମ୍ଭ ଦିନରେ ଅର୍ଥାତ୍ ୩୦ ମାର୍ଚ୍ଚ ୨୦୨୩ ରେ ସ୍ୱତନ୍ତ୍ର ଟ୍ରେନ୍ ଭାବରେ ଚଳାଚଳ କରିବ । ୦୮୫୫୫/୦୮୫୫୬ ଭଦ୍ରକ-ନୟାଗଡ଼ ଟାଉନ୍-ଭଦ୍ରକ୍ ମେମୁ ଟ୍ରେନ ଭଦ୍ରକରୁ ସକାଳ ୦୫ଘ.୪୫ମି.ରେ ଛାଡି ପୂର୍ବାହ୍ନ ୧୧ଘ.୫୫ମି.ରେ ନୟାଗଡ଼ ଟାଉନରେ ପହଞ୍ଚିବ । ଫେରିବା ମାର୍ଗରେ ନୟାଗଡ଼ ଟାଉନରୁ ଏହି ଟ୍ରେନ୍ ଅପରାହ୍ନ ୦୫ଘ.୦୫ମି.ରେ ଛାଡି ଭଦ୍ରକ ଠାରେ ରାତ୍ରି ୧୦ଘ.୪୫ମି.ରେ ପହଞ୍ଚିବ । ଏହି ଟ୍ରେନ୍ ଉଭୟ ଦିଗରୁ ଭଦ୍ରକ ଏବଂ ନୟାଗଡ଼ ଟାଉନ୍ ମଧ୍ୟରେ ଥିବା ସମସ୍ତ ଷ୍ଟେସନ୍ ଏବଂ ପାସେଞ୍ଜର ହଲ୍ଟ ମାନଙ୍କରେ ରହଣି କରିବ।

### ବିଧାନସଭାରେ ପୁଣି ଉଠିଲା ନବ ଦାସ....

ବିଧାନସଭା ସରି ଗଲେ ଏହି ପ୍ରସଙ୍ଗ ଚପି ଯିବ । ଯେପରି ମାହାଙ୍ଗା ଠାରୁ ଆରମ୍ଭ କରି ଅନ୍ୟ ପ୍ରସଙ୍ଗକୁ ପୂର୍ବରୁ ଚପାଇ ଦିଆଯାଇଛି । ବାରମ୍ବାର ବିଧାନସଭାରେ ଏହି ପ୍ରସଙ୍ଗ ଉତଥାପନ କଲେ ମଧ୍ୟ କୌଣସି ଲାଭ ମିଳୁ ନାହିଁ । ଏଭଳି ସ୍ଥିତିରେ ସାଧାରଣ ଲୋକ ମାନେ କଣ କରିବେ । ଏଭଳି ସ୍ଥିତିରେ ବିଧାୟକ ମାନେ କଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ଏତିକି କହି ସାରିବା ପରେ ବିଜେପି ବିଧାୟକ ମାନେ ଏହି ପ୍ରସଙ୍ଗକୁ ନେଇ ବିଧାନସଭା ବାଚସ୍ପତିଙ୍କ ଆସନ ଆଡକୁ ଆସି ନାରାବାଜୀ କରୁଥିବା ଦେଖିବାକୁ ମିଳିଥିଲା । ସେମାନେ ଏହି ମାମଲାରେ ସିବିଆଇ ତଦନ୍ତ ଦାବି କର ନାରାବାଜୀ କରୁଥିଲେ ।

### ନକଲି ସାର୍ଟିଫିକେଟର ସୌଦାଗର....

ସହଜରେ ଜାଣିବା କଷ୍ଟକର । ଆଉ ଏହିଭଳି ନକଲି ସାର୍ଟିଫିକେଟ ଦେଇ ପିଲାମାନଙ୍କଠାର ଲକ୍ଷ ଲକ୍ଷ ଟଙ୍କା ଦାବି କରୁଥିଲେ ଠକ ମନୋଜ । ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କୁ କହୁଥିଲେ ସାର୍ଟିଫିକେଟ ପୂରା ଅସଲି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନୋଜର ଟାର୍ଗେଟରେ ଥିଲେ କମ୍ ଶିକ୍ଷିତ ଓ ଚାକିରି ଆଶାୟୀ । ପେଶାଗତ ଅପରାଧୀଙ୍କୁ ବି ଦେଉଥିଲେ ନକଲି ସାର୍ଟିଫିକେଟ୍ । ଏମାନେ ମାଟ୍ରିକ୍ ସମେତ ବିଜ୍ଞାନ, ବାଣିଜ୍ୟ, କଳା ଆଦି ବିଷୟରେ ଯୁକ୍ତ ଦୁଇ, ସ୍ନାତକ ଆଦି ନକଲି ସାର୍ଟିଫିକେଟ୍ ଦେଇଥିଲେ ।

## ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ତ୍ରୁଟି

ଜଳେଶ୍ୱର, ୨୯/୦୩ (ନି.ପ୍ର): ଆବାସ ଯୋଜନା ଚୟନ, ତାଲିକା ପ୍ରକାଶ, ଇତ୍ୟାଦିରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ଅଭିଯୋଗ ପରେ ସଂଶୋଧନ ହୋଇ ଥିବାର ଦ୍ୱାହି ଦେଇ ପ୍ରକାଶିତ ତାଲିକାଧାରୀଙ୍କ ମଧ୍ୟରୁ କେତେକଙ୍କ ବଡ ବଡ ପକ୍କାଘର ଥିବାର ଆର୍‌ଟିଆଇ ସୂଚନାରୁ ଜଣାଯାଇଛି। ଏଥିନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାର ଜଣାଯାଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତର ଆବାସ ଯୋଜନା ତାଲିକା ପ୍ରକାଶ ପାଇଥିଲା। ଏଥିରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଗ୍ୟବିବେଚିତ ହୋଇଥିବା ବେଳେ ଏ ସଂପର୍କରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା । ଏହାର ସଂଶୋଧନ ଆଣିବାଲାଗି ସରକାର ପ୍ରତି ପଂଚାୟତ କାର୍ଯ୍ୟାଳୟରେ ଏକ ଗୁପ୍ତ ଅଭିଯୋଗ ବାକ୍ସ ବସାଇଥିଲେ। କୌଣସି ଅଯୋଗ୍ୟ ହିତାଧିକାରୀଙ୍କ ସଂପର୍କରେ ସୂଚନା ଦେବାଲାଗି ସେଥିରେ ଦର୍ଶାଯାଇଥିଲା । କିନ୍ତୁ ତଦନ୍ତ ନାମରେ ସମୟ ଅତିବାହିତ କରାଯାଇଥିଲେ ମଧ୍ୟ ସେଭଳି ଅଯୋଗ୍ୟ ହିତାଧିକାରୀଙ୍କୁ ଅଦ୍ୟାବଧି ତାଲିକାରୁ ବାଦ୍ ଦିଆଯାଇନଥିବାରୁ ଜନ ଅସନ୍ତୋଷ ଦେଖା ଦେଇଛି । ଏ ସଂପର୍କରେ ନଛିମପୁର ପଂଚାୟତର ଆମ୍ବଳିଅଠା ଗ୍ରାମନିବାସୀ ନନ୍ଦନ କୁମାର କର ସୂଚନା ଅଧିକାର ଆଇନ୍ ବଳରେ କେତେକ ତଥ୍ୟ ମାଗିଥିଲେ । ତଥ୍ୟ ଅନୁଯାୟୀ ଆମ୍ବଳିଅଠା ଗାଁର ପ୍ରଦୀପ କୁମାର ପାତ୍ର, ନାଙ୍ଗୁଡ ସାହି ଗାଁର ତପନ କୁମାର ଜେନାଙ୍କର ନିଜସ୍ୱ ବଡ ବଡ ପକ୍କା ରହିଥିବାର ଅଭିଯୋଗ ପଂଜିକରଣ ହୋଇଥିଲା । ଏ ସଂପର୍କରେ ବ୍ଲକ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ତଦନ୍ତ କରାଇଥିଲେ। ତଦନ୍ତ ପରେ ଉପରୋକ୍ତ ଦୁଇ ବ୍ୟକ୍ତିଙ୍କର ନାମ ହିତାଧିକାରୀ ତାଲିକାରେ ରହିଥିବାରୁ ଚନ୍ଦନ କୁମାର କର ପୁଣି ଅଭିଯୋଗ ବାଢିଛନ୍ତି । ଏ ସଂପର୍କରେ ଗୋଷ୍ଠୀ ଉନ୍ନନ କାର୍ଯ୍ୟାଳୟ, ଜିଲାପାଳ ଓ ସ୍ଥାନୀୟ ସାମ୍ବାଦିକ ମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ହାଇସ୍କୁଲର ୧୯୯୧ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଭଦ୍ରକ, ୨୯/୦୩ (ନି.ପ୍ର): ଭଦ୍ରକ ଜିଲ୍ଲାର ବେତରା ବୀରପଡା ସ୍ଥିତ କ୍ଷେତ୍ର ମୋହନ ମଧୁସୂଦନ ହାଇସ୍କୁଲ ସ୍କୁଲର ୧୯୯୧ ମସିହା ବ୍ୟାଚର ପିଲାମାନେ ଏକାଠି ହୋଇ ବନ୍ଧୁମିଳନ ପର୍ବ ପାଳନ କରିଛନ୍ତି। ହାଇସ୍କୁଲ ପରେ କଲେଜ ଓ ପରେ ପରେ ଉଚ୍ଚ ଶିକ୍ଷା ପାଇଁ କିଏ କୁଆଡେ ଯାଇ ନିଜେ ନିଜର ଡିଗ୍ରୀ ହାସଲ ସହିତ ଏବେ ବୈବାହିକ ଜୀବନରେ ବ୍ୟସ୍ତ। ତଥାପି ଏହି ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ଦୀର୍ଘ ଦିନ ବ୍ୟବଧାନରେ ସ୍କୁଲ ସାଙ୍ଗ ମାନେ ଏକାଠି ହୋଇଛନ୍ତି। ଏହି ବନ୍ଧୁ ମିଳନରେ ୯୧ ମସିହାର ସମସ୍ତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଭାବ ବିହ୍ୱଳ ହୋଇ ଯାଇଥିଲେ। ସାଙ୍ଗ ଗୋଟେ ନିଆରା ସମ୍ପର୍କ, ସାଙ୍ଗଟିଏ ପାଖରେ ପାଇଗଲେ କେମିତି କେଜାଣି ମନ ବହୁତ ଖୁସି ହୋଇଯାଏ। ସେହି ଖୁସିର ମାହୋଲରେ ସମ୍ପୂର୍ଣ୍ଣ ଦିବସ ବିତାଇ ଥିଲେ। ସନ୍ଧ୍ୟାରେ ସବୁ ସାଙ୍ଗ ମାନେ ନିଜନିଜ ଘରକୁ ଫେରିବା ସହିତ ପୁଣି ଆଗାମୀ ବର୍ଷକୁ ଠିକ ଏହି ସମୟକୁ ଅପେକ୍ଷା କରିବେ ବୋଲି ପ୍ରତିଶୃତି ମଧ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତାପ ପାତ୍ର, ଅଜିତ ନାୟକ, ସଞ୍ଜୟ ପୃଷ୍ଟି, ଶିବ, ଦିଲ୍ଲୁ, ବରେନ୍ଦ୍ର, ସତ୍ୟବାନ ମହାରଣା, ସୁନି, ଗୀତା, ଅନିତା, ଝୁନା, ଶ୍ୱେତା, ସସ୍ମିତା, ନିର୍ମଳା, ରୀତା, ନନ୍ଦିନୀ ଓ କୁସୁମ ଦାସ ଯୋଗ ଦେଇ ଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ପ୍ରତିଯୋଗିତା 'ଉତ୍ସାହ' ଉଦ୍‌ଘାଟିତ

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ଶିଶୁମାନଙ୍କ ମନରେ ଥିବା ଅନ୍ତର୍ନିହିତ କ୍ରୀଡା ସମ୍ଭାବନା ଓ ପ୍ରତିଭାର ସମୁଚିତ ବିକାଶ ହେବା ଜରୁରୀ । ଏହା ଦ୍ୱାରା ଶିଶୁମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ। ଲୁକ୍କାୟିତ ଓ ଅନାବିଷ୍କୃତ ଶିଶୁ କ୍ରୀଡା ପ୍ରତିଭାର ପରିପ୍ରକାଶ କ୍ଷେତ୍ରରେ ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ପ୍ରତିଯୋଗିତା 'ଉତ୍ସାହ'ର ଭୂମିକା ପ୍ରଶଂସନୀୟ ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ମତବ୍ୟକ୍ତ କରିଛନ୍ତି । ବୁଧବାର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ପ୍ରତିଯୋଗିତା 'ଉତ୍ସାହ'କୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ, ଆମ ବିଭାଗ ଦ୍ୱାରା ଶିଶୁ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ ଓ ସମ୍ମାନିତ କରିବା ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ପ୍ରତିଯୋଗିତା 'ଉତ୍ସାହ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପ୍ରତ୍ୟେକ ଶିଶୁ ନିକଟରେ କିଛି ନା କିଛି ଅନ୍ତର୍ନିହିତ କ୍ରୀଡା ପ୍ରତିଭା ଏବଂ ଦକ୍ଷତା ଲୁଚି ରହିଛି । ଏହି କ୍ରୀଡା ପ୍ରତିଭାର ପ୍ରକାଶ ଓ ବିକାଶ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ପ୍ରତିଯୋଗିତା 'ଉତ୍ସାହ' ଆୟୋଜିତ ହୋଇଛି । ଆମ ବିଭାଗ ଅଧୀନରେ ରାଜ୍ୟର ୩୦ଟି ଜିଲ୍ଲାରେ କାର୍ଯ୍ୟରତ ୨୪୮ଟି ଶିଶୁ ପ୍ରଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପିଲାମାନେ ଜିଲ୍ଲା ସ୍ତରରେ ଆୟୋଜିତ 'ଉତ୍ସାହ' କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲ୍ଲାସ୍ତରୀୟ 'ଉତ୍ସାହ' କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନେ ଆଜି ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ତିନିଦିନ ଧରି ଏଥିରେ ଦୌଡ଼ ପ୍ରତିଯୋଗିତା, ଲୟଡିଆଁ, ଉଚ୍ଚଡିଆଁ, ଫୁଟବଲ, ଚେସ, କ୍ୟାରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବରୁ ୩୦ଟି ଜିଲ୍ଲାରେ କାର୍ଯ୍ୟରତ ଶିଶୁ ପ୍ରଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପିଲାମାନେ ଏକ ମାର୍ଚ୍ଚପାଷ୍ଟରେ ଭାଗ ନେଇଥିଲେ। ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ଅଭିବାଦନ ଗ୍ରହଣ କରିଥିଲେ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ

ବାଲେଶ୍ୱର, ୨୯/୦୩ (ନି.ପ୍ର): ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଫକୀରମୋହନ ମେଡିକାଲ୍ କଲେଜ୍ ହସ୍‌ପିଟାଲରେ ସ୍ନାତକୋତ୍ତର (ପିଜି) ବିଭାଗ ଖୋଲିବା ନେଇ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି । ତେବେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟଜନିତ ରୋଗର ଚିକିତ୍ସା ପାଇଁ ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିବାକୁ ନେଇ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଛି। ତୁରନ୍ତ ଏହି ପଦ ପୂରଣ ପାଇଁ ଦାବି କରାଯାଇଛି। ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ବିବରଣୀ ଓ କୋଷାଧ୍ୟକ୍ଷ



ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ପାଠ କରିବା ପରେ ତାହା ଅନୁମୋଦନ ହୋଇଥିଲା। ଚଳିତବର୍ଷ ଫକୀରମୋହନ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍‌ରୁ ୯୮ଜଣ ଡାକ୍ତରୀ ଶିକ୍ଷାର୍ଥୀ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ରେମୁଣାରେ ନିର୍ମାଣାଧୀନ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ଆସନ୍ତା ଜୁଲାଇ ମାସରେ ଏହି ବିଭାଗଗୁଡ଼ିକ ସ୍ଥାନାନ୍ତର ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ମେଡିକାଲ୍ କଲେଜ୍ ହସ୍‌ପିଟାଲ୍‌କୁ ଜାତୀୟ ରାଜପଥରୁ ପ୍ରସ୍ତାବିତ ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟର ମନ୍ଥରତା କାରଣରୁ ଆସନ୍ତା ବର୍ଷାଋତୁ ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ଆଶଙ୍କା ପ୍ରକାଶ ପାଇଛି। ତେଣୁ ତୁରନ୍ତ ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବୈଠକରେ ଦାବି କରାଯାଇଛି। ଏମ୍ସ ସେଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ସପ୍ତାହରେ ସାତଦିନ କାର୍ଯ୍ୟ କରିବା ଓ ମେଡିକାଲ୍ କଲେଜ୍ ରୋଗୀ କଲ୍ୟାଣ ସମିତିରେ କ୍ରିୟାନୁଷ୍ଠାନ କମିଟିର ଦୁଇଜଣ କର୍ମକର୍ତ୍ତାଙ୍କୁ ସଦସ୍ୟ ଭାବେ ଗ୍ରହଣ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସର୍କିଟ୍ ହାଉସଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସାକ୍ଷାତ କରି ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବ କାର୍ଯ୍ୟକାରୀ ହେବାପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରତିଶ୍ରୁତି ଦେଇଥିବା ସଂପର୍କରେ ଡ. କେଶବ ଚରଣ ପଣ୍ଡା ଓ ସୀତାରାମ ପ୍ରଧାନ ବୈଠକୁ ଅବଗତ କରିଥିଲେ। ଶେଷରେ ସଚ୍ଚୀନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାରିପଦାରେ ସର୍ବଭାରତୀୟ ବୈଶାଖୀ ମେଳା ଉଦ୍‌ଘାଟିତ : ହସ୍ତଶିଳ୍ପ ଓ ହସ୍ତତନ୍ତ ଶିଳ୍ପୀମାନଙ୍କୁ ପ୍ରୋତ୍ସାହନ

ବାରିପଦା, ୨୯/୦୩ (ନି.ପ୍ର): ଓଡିଶାର ଗ୍ରାମାଂଚଳ ଓ ସହରାଂଚଳ ଉତ୍ପାଦକ ସଙ୍ଘ ଅରୁପା ଭୁବନେଶ୍ୱର ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ବାରିପଦା କଲେଜ ପଡିଆରେ ସର୍ବଭାରତୀୟ ବୈଶାଖୀ ମେଳା ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟା ଛବି ମାହାଲି, ସବାଇ କାରିଗର ତାରାମଣୀ ସିଂ ଓ ସୁମିତ୍ରା ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମେଳାକୁ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉଦଘାଟନ କରି ହସ୍ତଶିଳ୍ପୀ ଏବଂ କାରୀଗର ମାନେ ସମୃଦ୍ଧ ହୋଇ ପାରିଲେ ଦେଶର ଅର୍ଥନିତି ସୁଦୃଢ ହୋଇ ପାରିବ ବୋଲି କହିଛନ୍ତି । ବିଭିନ୍ନ ଜିଲ୍ଲା ତଥା ଉପଖଣ୍ଡ




ଅଂଚଳର ହସ୍ତଶିଳ୍ପୀ ମାନେ ପ୍ରସ୍ତୁତ କରିଥିବା ସାମଗ୍ରୀ ଆଦିର ପ୍ରଚାର ପ୍ରସାର ସହ ବଜାର ସୃଷ୍ଟି ଉଦେଶ୍ୟରେ ସର୍ବଭାରତୀୟ ପ୍ରର୍ଦଶନୀ ଆୟୋଜନ କରି କାରିଗରମାନଙ୍କୁ ତଥା ବୁଣାକାରମାନଙ୍କୁ ସିଧାସଳଖ ଭାବରେ ସୁଯୋଗ ପ୍ରଦାନ କରାଯାଉଥିବା ସହ ଉପଯୁକ୍ତ କଂଚାମାଲ ଯୋଗାଣ, ଜୀବନ ବୀମା, ସ୍ୱାସ୍ଥ୍ୟବୀମା, ହସ୍ତଶିଳ୍ପ ସାମଗ୍ରୀର ରପ୍ତାନୀ ଆଦି କାର୍ଯ୍ୟ କରି ସାରା ଓଡିଶାରେ କେବଳ କାରିଗର କିମ୍ବା ବୁଣାକାର ନୁହଁନ୍ତି, ଗ୍ରାହକ, ଗବେଷକ, କଳାପ୍ରେମୀ, ସରକାରୀ ଏବଂ ବେସରକାରୀ ମହଲରେ ଆଦୃତ ଏବଂ ପ୍ରଶଂସିତ ହୋଇ ପାରିଛି ବୋଲି ଆୟୋଜକ ଅଶୋକ କୁମାର ସାହୁ କହିଛନ୍ତି ଆରମ୍ଭ ହୋଇ ଥିବା ଏହି ମେଳା ଆଗାମୀ ଏପ୍ରିଲ ୦୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କଲେଜ ପଡିଆ ଠାରେ ଚାଲିବ ବୋଲି ଜଣାଯାଇଛି ।

# ରାମନବମୀ ପଦଯାତ୍ରା ପୂର୍ବରୁ ସହରରେ ବାଇକ ର୍‍ୟାଲି

ବାଲେଶ୍ୱର, ୨୯/୦୩ (ନି.ପ୍ର): ରାମ ନବମୀ ଉପଲକ୍ଷେ ଶ୍ରୀରାମ ଚେତନତା ଜାଗରଣ ସଂଘ ପକ୍ଷରୁ ଗୁରୁବାର ସକାଳେ ହେବାକୁ ଯାଉଥିବା ବିଶାଳ ପଦଯାତ୍ରା ପୂର୍ବରୁ ବୁଧବାର ଅପରାହ୍ନରେ ଏକ ବାଇକ ର୍‍ୟାଲି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି । ଜାଗରଣ ସଂଘର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ର୍‍ୟାଲି ଶୁଭାରମ୍ଭ ବେଳେ ସଦର ବିଧାୟକ ସ୍ୱରୂପ କୁମାର ଦାସ ପହଞ୍ଚି ସମସ୍ତଙ୍କୁ ଶୁଭେଚ୍ଛା ଜଣାଥିଲେ । ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବରେ



ବାଲେଶ୍ୱରରେ ଆୟୋଜିତ ହେଉଥିବା ପଦଯାତ୍ରା ସମସ୍ତଙ୍କ ପାଇଁ ଭାଇଚାରାର ପ୍ରତୀକ ହେଉ ବୋଲି ସେ କାମନା କରିଥିଲେ। ର୍‍ୟାଲି ଶୁଭାରମ୍ଭ ବେଳେ ବାଲେଶ୍ୱର ଏସପି ସାଗରିକା ନାଥ ଉପସ୍ଥିତ ରହି ଏହାର ପରିଚାଳନା ବାବଦରେ ପୁଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଜାଗରଣ ସଂଘର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବାଇକ ର୍‍ୟାଲିଭଳି ରାମନବମୀ ପଦଯାତ୍ରା ମଧ୍ୟ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ହଜାର ହଜାର ବାଇକ ଆରୋହୀଙ୍କ ନେଇ ଆୟୋଜିତ ଏହି ର୍‍ୟାଲି ସ୍ଥାନୀୟ ପରିମିଟ ପଡ଼ିଆରୁ ବାହାରି ସିନେମାଛକ, ଟାଉନହଲ, ମିର୍ଜାପୋଖରୀ, ମାଣିଖମ୍ବ, ବାରବାଟୀ, ଦମୋଦରପୁର, ବଡ଼ାପୋଲ, ଗୋଲାପୋଖରୀ, ପରମିଟଘାଟ, ପୁରୁଣାବାଲେଶ୍ୱର, ଗବଗାଁ, ପାତ୍ରପଡ଼ା, ବଙ୍କାଖେଜୁଳ ହେମକାପଦା, ମାନସିଂବଜାର, ଆଇଟିଆଇ ଛକ, ଷ୍ଟେସନଛକ, ଫକୀର ମେହାନ ଗୋଲେଇ, ଓଭରବ୍ରିଜରେ ସହଦେବଖୁଣ୍ଟା, ସୂରଜ ହୋଟେଲ, ଭାସ୍କରଗଞ୍ଜ. ମାଲଗୋଦାମ ଆଦି ଛକ ଦେଇ ପୁଣି ପରମିଟ ପଡ଼ିଆରେ ପହଞ୍ଚିଥିଲା ।

## ଅଶୋକାଷ୍ଟମୀରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ପବିତ୍ର ଅଶୋକାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ "ପବିତ୍ର ଅଶୋକାଷ୍ଟମୀ ତଥା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଭୁ ଲିଙ୍ଗରାଜଙ୍କ ଅପାର କରୁଣାରୁ ପ୍ରତିଟି ଜୀବନ ସୁଖ ଓ କଲ୍ୟାଣମୟ ହେଉ।"

# ବିଦ୍ୟୁତ ବିଲ ଆଦାୟ ବେଳେ ଆକ୍ରମଣର ଶିକାର କର୍ମଚାରୀ

ବାଲେଶ୍ୱର, ୨୯/୦୩ (ନି.ପ୍ର): ମାର୍ଚ୍ଚମାସ ଶେଷ ପୂର୍ବରୁ ଟିପିଏନଓଡିଏଲ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ବିଦ୍ୟୁତ ବିଲ ଆଦାୟ ଧାରାକୁ ନେଇ ସାଧାରଣରେ ଆକ୍ରୋଶର ଶିକାର ହେଉଛନ୍ତି ବିଭାଗୀୟ କର୍ମଚାରୀମାନେ। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବିଜୁ ଶ୍ରମିକ ସାମୁଖ୍ୟ। କାର୍ଯ୍ୟରତ କର୍ମଚାରୀଙ୍କୁ ଆବଶ୍ୟକ ସୁରକ୍ଷା ଦିଆନଗଲେ ବିଜୁ ଶ୍ରମିକ ସାମ୍ମୁଖ୍ୟ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଗୁରୁବାର ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ କମ୍ପାନୀ କର୍ତ୍ତୃପକ୍ଷ କ୍ଷମତାଠାରୁ ଅଧିକ କାର୍ଯ୍ୟର ଚାପ ଦେବା ଏବଂ ବିଲ ଆଦାୟ ପରିମାଣ ଟାର୍ଗେଟ ଦେଉଥିଲେ ବି କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ବ୍ୟବସ୍ଥାର ପରିବର୍ତ୍ତନ ସହ କର୍ମଚାରୀଙ୍କୁ ଉଚିତ ସୁରକ୍ଷା ପ୍ରଦାନ କରା ନଗଲେ ଆଗାମୀ ଦିନରେ ସଂଗଠନ ଆନ୍ଦୋଳନମୁଖୀ ହେବ ବୋଲି ସଂଗଠନର କର୍ମକର୍ତ୍ତମାନେ ସୂଚନା ଦେଇଛନ୍ତି। ଗୁରୁବାର ମେଘଡମ୍ବରୁ ଅଞ୍ଚଳର ଲକ୍ଷାଧିକ ଟଙ୍କାର ବିଦ୍ୟୁତ ଦେୟ ବାକି ରଖିଥିବା ଜନୈକ ବ୍ୟକ୍ତି କର୍ମଚାରୀଙ୍କୁ ଆକ୍ରମଣ କରିଥିଲା। କର୍ମଚାରୀମାନେ ସେହି ଅଞ୍ଚଳର ଅନ୍ୟ ଲୋକଙ୍କ ଘରକୁ ବିଲ ଆଦାୟ ପାଇଁ ଯାଇଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ସେଠାରେ ପହଞ୍ଚି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଆକ୍ରମଣ କରିଥିଲା। ଏନେଇ ସାମ୍ମୁଖ୍ୟ ପକ୍ଷରୁ ସଦର ଥାନାରେ ଏକ ଲିଖିତ ଅଭଯୋଗ କରାଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ତେବେ ଟାଟା ପାୱାର ପଦସ୍ଥ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ସଂଗଠନର ସମ୍ପାଦକ ହରିଶ ଚନ୍ଦ୍ର ଦାସ, ସାଂଗଠନିକ ସମ୍ପାଦକ ବଟକୃଷ୍ଣ ଜେନା, କାର୍ଯ୍ୟାଳୟ ସମ୍ପାଦକ ସମଜିତ ମହାନ୍ତି, କୋଷାଧ୍ୟକ୍ଷ ସଂଜୟ ପ୍ରଧାନଙ୍କ ସମେତ ଦେବୀ ପ୍ରସନ୍ନ ପାଢ଼ୀ, ଚନ୍ଦନ କୁମାର ପାତ୍ର, ଅମିତ ପାଣିଗ୍ରାହୀ, ବିରଞ୍ଚି ସୁବୁଦ୍ଧି, ବିଜନ କୁମାର ବେହେରା, ସୁଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିବିସିସି ପରିସରରେ ଏଗ୍ରିମଲ ଉଦ୍‌ଘାଟିତ

ବାଲେଶ୍ୱର, ୨୯/୦୩ (ନି.ପ୍ର): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହଯୋଗରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପକ୍ଷରୁ ବାଲେଶ୍ୱରରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଗଠିତ ଉତ୍ପାଦକ ସଂସ୍ଥାମାନଙ୍କର ବ୍ୟବସାୟିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ (ବିବିସିସି)ପରିସରରେ ଏକ ଏଗ୍ରିମଲ୍ ଉଦଘାଟିତ ହୋଇଥିଲା । 'ଓରମାସ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅତିରକ୍ତ ସଚିବ ପୁନମ ତାପସ କୁମାର ଗୁହା ଏହାକୁ ଉଦଘାଟନ କରିବା ସହିତ ଏଗ୍ରିମଲର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର କୃଷି କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ମହିଳା ଉତ୍ପାଦକ ସଂସ୍ଥା ଅଥବା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ୱାନ ଷ୍ଟପ ସେଣ୍ଟର ଭାବେ ଏହି ମଲ ସହାୟକ ହେବ ବୋଲି ଶ୍ରୀମତୀ ଗୁହା ଆଶାପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହିଭଳି ମଲ୍ ପଞ୍ଚାୟତ ସ୍ତରରେ ସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ରବୀନ୍ଦ୍ର କୁମାର ସାହୁ, ଉପ-ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଓରମାସ ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକର ଉତ୍ପାଦକ ସଂସ୍ଥା ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ମଦ୍ୟପାନର କରୁଣ ପରିଣତି : ମଦୁଆ ସ୍ୱାମୀର ଠେଙ୍ଗା ମାଡରେ ସ୍ତ୍ରୀ ମୃତ

ଜଳେଶ୍ୱର, ୨୯/୦୩ (ନି.ପ୍ର): ଅଗ୍ନିକୁ ସାକ୍ଷୀ ରଖି ଜଣେ ଅଜଣା, ଅଚିହ୍ନା ମହିଳା ଅନ୍ୟଜଣେ ଅପରିଚିତ ପୁରୁଷକୁ ନିଜର ଜୀବନ ସାଥି କରିଥାଏ । ବହୁ ଆଶା ଓ ସ୍ୱପ୍ନ ନେଇ ସେ ନିଜ ବାପା ମା, ଘର ଦ୍ୱାର ଜନ୍ମମାଟି ଛାଡି ଅନ୍ୟଜଣକ ଘରକୁ ନିଜର କରିଥାଏ । କିନ୍ତୁ କେତେକ କ୍ଷେତ୍ରରେ ମହିଳାର ସମସ୍ତ ଆଶା, ଆକାଂକ୍ଷା ବାଲିଘର ଭଳି ଭଂଗିଯାଏ । ଏପରି ଏକ ଦୁଃଖଦ ଘଟଣା ରାଇବଣିଆ ଥାନା ଅଂଚଳରେ ଘଟିଛି । ଘଟଣାରୁ ପ୍ରକାଶ, ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନାର କାଳିକ ପଂଚାୟତ ଅନ୍ତର୍ଗତ ଗହିରା ବନ୍ଧ ଗାଁର ଦୁର୍ଗା ଚରଣ ମୁର୍ମୁ(୩୫)ର ହାତ ଧରି ମଂଜୁଲତା(୩୦) ଆସିଥିଲା । କିନ୍ତୁ ପ୍ରତିଦିନ ଦୁର୍ଗା ମୁର୍ମୁର ମଦନିଶା ଚରମ ଅବସ୍ଥାରେ ପହଞ୍ଚିରେ ଦୁଇଜଣଙ୍କ ମଧ୍ୟରେ କଳହ ସୃଷ୍ଟି ହୁଏ । ଗତ ମଂଗଳବାର ରାତିରେ ନିଶାସକ୍ତଭାବେ ଦୁର୍ଗା ମୁର୍ମୁ ଘରକୁ ଫେରିବାପରେ ସ୍ତ୍ରୀ ମଂଜୁଲତା ସହିତ ବାକ୍ ବିତଣ୍ଡା ଦୀର୍ଘ ସମୟ ଧରି ହୋଇଥିବାର ପଡୋଶୀଙ୍କ ଠାରୁ ପ୍ରକାଶ । ନିଶାସକ୍ତ ଦୁର୍ଗାମୁର୍ମୁ ଉତ୍ୟକ୍ତ ହୋଇ ଏକ ଠେଙ୍ଗାରେ ମଂଜୁଲତାକୁ ବାରମ୍ବାର ପିଟିବାରୁ ତାର ମୃତ୍ୟୁ ହୋଇଥିବା କୁହାଯାଇଛି । କିନ୍ତୁ ପାଟିତୁଣ୍ଡ ଶୁଣି ପାଖ ପଡୋଶୀ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମଂଜୁ ମରିଯାଇଥିବା ଦେଖିବାକୁ ପାଇଥିଲେ । ଦୁର୍ଗାମୁର୍ମୁକୁ କାବୁକରି ସେମାନେ ପୁଲିସ୍‌କୁ ଖବର ଦୋବରୁ ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲିପ ସାହୁ ଓ ରାଇବଣିଆ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଦୁର୍ଗାମୁର୍ମୁକୁ ଅଟକ ରଖା ଯାଇଥିବା ବେଳେ ମଂଜୁଲତାର ଶବ ବ୍ୟବଚ୍ଛେଦ କରାଯାଇଛି । ସୂଚନାଯୋଗ୍ୟ ଏହି ଅଂଚଳରେ ବ୍ୟାପକ ଚୋରାମଦ ବିକ୍ରି ହେଉଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଜନଜାଗୃତି ମଂଚ ସହିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଆଲୋଚନା

ଉଦଳା, ୨୯/୦୩ (ନି.ପ୍ର): କରୋନା ପାଇଁ କ୍ରମାଗତ ୨ ବର୍ଷ ଧରି ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିବା ଫଳରେ ସମ୍ପୂର୍ଣ୍ଣ ଅସଜଡ଼ା ହୋଇପଡ଼ିଛି ଶିକ୍ଷା ବିଭାଗ । ବହୁପିଲା ପାଠ ପଢ଼ା ଛାଡ଼ି ଦେଉଥିବା ବେଳେ, ବାଲ୍ୟ ବିବାହ ଜନିତ ଭୟଙ୍କର ବିପଦ ଦେଶକୁ ମାଡ଼ି ଆସୁଛି । ଫଳରେ ପିଲାଙ୍କ ଜୀବନ ଅନ୍ଧକାର ଭିତରକୁ ଠେଲି ହୋଇ ଯାଉଛି । ଏତିକି ବେଳେ ଲୋକ ସଂଗଠନ 'ଜନଜାଗୃତି ମଂଚ' ର ସଦସ୍ୟ ମାନେ ଖୋଜି ଖୋଜି ଏହିସବୁ ପିଲା ମାନଙ୍କୁ ଚିହ୍ନଟ କରିବା ସହିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ଜରିଆରେ ବିଭାଗୀୟ ଅଧିକାରୀ ମାନଙ୍କର ଦୃଷ୍ଟି ଆକର୍ଷଣ କରିବା କାର୍ଯ୍ୟରେ ପୁରା ଦମରେ ଲାଗିଛନ୍ତି । ଫଳରେ ଶିକ୍ଷା ବିଭାଗ ଓ ପ୍ରଶାସନ କଳ ଚଳ ଚଂଚଳ ହୋଇ ଉଠିଛି । ଏହାର ପରିଣାମ ସ୍ୱରୂପ ଅନ୍ଧକାର ଭିତରକୁ ଗତି କରୁଥିବା ପିଲାଙ୍କ ଜୀବନ ଏକ ନୂତନ ଆଲୋକର ସନ୍ଧାନ ପାଉଛି ।



ଏଥିପାଇଁ ବିଭିନ୍ନ ମହଲରେ 'ଜନଜାଗୃତି ମଂଚ' ର ପ୍ରଶଂସା ଶୁଣିବାକୁ ମିଳୁଛି । ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉଦଳା ଓ କପ୍ତିପଦା ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଅଧିକାରୀ ରମାକାନ୍ତ ମହାନ୍ତି ଆଜି ମାର୍ଚ୍ଚ ୨୯ ତାରିଖ ବୁଧବାର ଦିନ ମଂଚର ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ମଂଚର ସଦସ୍ୟ କପାଳ ମାର୍ଣ୍ଡି ଓ ସୁବ୍ରତ ମହାନ୍ତି ଅଂଶ ଗ୍ରହଣ କରିଥିଲେ । ପ୍ରଥମେ ଶିକ୍ଷାଧିକାରୀ ମଂଚର ଏପରି ଏକ ସାଧୁ ଉଦ୍ୟମକୁ କୃତଜ୍ଞତା ଜ୍ଞାପନ କରିଥିଲେ । ପାଠ ପଢ଼ା ଛାଡ଼ିଥିବା ଏତେ ଗୁଡ଼ିଏ ପିଲାଙ୍କୁ ପୁଣିଥରେ ପାଠ ସହିତ ବାନ୍ଧି ରଖିବା ପାଇଁ ମଂଚ ତରଫରୁ ଯେଉଁ ଉଦ୍ୟମ କରାଯାଉଛି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ଅଧିକାରୀ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ଏହାପରେ ଖବର କାଗଜରେ ପ୍ରକାଶିତ ସମ୍ବାଦ ଗୁଡ଼ିକ ଉପରେ କିପ୍ରକାର ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ । ମଂଚର ଟିମ ଲିଡ଼ର ଗଦାଧର ଦାଶ ପ୍ରଶାସନ କଳକୁ ଆମେ ସବୁ ସମୟରେ ସହଯୋଗର ହାତ ବଢ଼ାଇବୁ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ ।

# ବିଧାନସଭାରେ ଆମେ ବିରୋଧୀ ଦଳର ଭୂମିକା ନେଉ : ଅବସରପ୍ରାପ୍ତ ଶିକ୍ଷକ ସଂଘ

ଉଦଳା, ୨୯/୦୩ (ନି.ପ୍ର): କପ୍ତିପଦା ଉପଖଣ୍ଡର ଅବସରପ୍ରାପ୍ତ ଶିକ୍ଷକ ସଂଘର ଦ୍ୱିତୀୟ ସାମ୍ବିଧାନିକ ସମ୍ମିଳନୀ ଚଳିତ ମାର୍ଚ୍ଚ ୨୮ ତାରିଖ ମଙ୍ଗଳବାର ଦିନ ଖଣ୍ଡିହୁଡ଼ିସ୍ଥିତ ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର ଓ କର୍ମକର୍ତା ଚୟନ ପର୍ବ ଅନୁଷ୍ଠିତ ହୋଇଯାଇଛି । ମଂଚାସିନ ଅତିଥି ଭାବରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ନିକୁଞ୍ଜ କିଶୋର ମହାନ୍ତି, ଉପସଭାପତି ଧନଞ୍ଜୟ କେଶରୀ ରାଉତରାୟ, ସଂପାଦକ ଦଷ୍ମନ୍ତ ନାୟକ, ଭୁବନେଶ୍ୱରର ଜିଲ୍ଲା ସଭାପତି ପ୍ୟାରିମୋହନ ଦାସ, ମହାସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ବିଧୁଭୂଷଣ ପଟ୍ଟନାୟକ ଓ ଭୃଗୁରାମ ରାଉତଙ୍କ ସହ ମୟୂରଭଞ୍ଜର ଶିକ୍ଷକ ନେତା



ସନାତନ ଜେନା, ଅବସରପ୍ରାପ୍ତ ଶିକ୍ଷକ ସଂଘର ଶକ୍ତି କିପରି ରାଜ୍ୟ ରାଜନୀତିକୁ ପ୍ରଭାବିତ କରିଥାଏ ଏବଂ ବିଧାନସଭାରେ କିପରି ଏହି ସଂଘ ସବୁବେଳେ ବିରୋଧୀ ଦଳର ଭୂମିକା ଲିଭାଇଥାଏ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଦିବଂଗତ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଅବସରପରର ସମସ୍ୟା ଓ ବିଭିନ୍ନ ଦାବୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅବସର ପରେ ପ୍ରତ୍ୟେକ ୫ ବର୍ଷରେ ବର୍ଦ୍ଧିତ ପେନସନ, ସ୍ୱାସ୍ଥ୍ୟ ଚିକିତ୍ସା ଭତା ଆଦି ଦାବୀ ମାନ ଉପସ୍ଥାପନ ସହ ଏଗୁଡ଼ିକର ସମାଧାନ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣର ନିଷ୍ପତି ନିଆଗଲା । ଶେଷରେ କର୍ମକର୍ତା ଚୟନ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପଦେଷ୍ଟା – ସନାତନ ଜେନା, କରୁଣାକର ମହାପାତ୍ର, ନରେନ୍ଦ୍ର ନାଥ ରାଉତ, ତରୁଣ କୁମାର ଦିବେଦୀ, ସୁରେନ୍ଦ୍ର ନାଥ ଦାସ, ସଭାପତି - ନରେନ୍ଦ୍ର ମୋହନ ଜେନା, କାର୍ଯ୍ୟକାରୀ ସଭାପତି – ରବିକାନ୍ତ ମହାପାତ୍ର ଓ ପ୍ରଫୁଲ କୁମାର ଖିଲାର, ଉପସଭାପତି – ସ୍ମୃତିମୟୀ ଦାସ, ବାଇଧର ବେହେରା, ସୁଦର୍ଶନ ନାୟକ, ରବିନ କୁମାର ବେହେରା, ଦଶରଥ ଖୁଂଟିଆ, ସଂପାଦକ – ଉପେନ୍ଦ୍ର ନାଥ ପୁହାଣ, ଯୁଗ୍ମ ସଂପାଦକ -ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ- କୃପାସିନ୍ଧୁ ବେହେରା, ସଂଗଠନିକ ସଂପାଦକ – ହରେକୃଷ୍ଣ ପୃଷ୍ଟି, ବିଶ୍ୱନାଥ ବେହେରା, ନରେନ୍ଦ୍ର ନାଥ ସାହୁ, ସଦାନନ୍ଦ ମହାନ୍ତି ଓ ସୁକାନ୍ତି ସେଠୀ ସର୍ବସମ୍ମତି କ୍ରମେ ମନୋନିତ ହେଲେ ।

# ଯେତେ ଫେକ୍ ଚାକିରି ସବୁଥିରେ ବିଜେଡି ସଂପୃକ୍ତ : ସାଲୁଜା

ଭୁବନେଶ୍ୱର, ୨୯/୦୩ (ନି.ପ୍ର): ରାଜଧାନୀର ଜଣାଶୁଣା ଘରୋଇ କୋଚିଂ ସେଂଟର ବାଣିକ୍ ଉପରେ ଜିଏସ୍ ଟି ରେଡ୍ ପରେ ବିଜେଡି ଲିଙ୍କ୍ ଅଭିଯୋଗ ଆଣିଛି କଂଗ୍ରେସ । କଂଗ୍ରେସ ଯର ବରିଷ୍ଠ ବିଧାୟକ ସନ୍ତୋଷ ସିଂହ ସାଲୁଜା ଅଭିଯୋଗ କରିଛନ୍ତି ଯେ ବଣିକ୍ ସିଏମ୍ ଡିଙ୍କର ବିଜେଡି ଲିଙ୍କ୍ ରହିଛି। ବଣିକ ସିଏମ୍‌ଡି ସୁବ୍ରତ ଛାଟୋଇ ହେଉଛନ୍ତି ବିଜଡି ଆଇଟି ସେଲ୍ ର ଜଣେ ସଦସ୍ୟ । ଏଥିସହ ସେହି କୋଚିଂ ସେଂଟରରେ ପଢୁଥିବା ପିଲାଙ୍କୁ ସରକାରୀ ଚାକିରିର ଆଶ୍ୱାସନା ଦିଆଯାଉଛି। ସେଠାରେ ପଢ଼ିଲେ ସରକାରୀ ଚାକିରି ନିଶ୍ଚିତ ମିଳିବ ବୋଲି କୁହାଯାଉଛି ।ରାଜ୍ୟ ସରକାରଙ୍କ ଯେଉଁ ଚାକିରି ବାହାରିବ, ତାହା ନିଶ୍ଚିତ ମିଳିବ ବୋଲି କୁହାଯାଉଥିଲା। ଅନ୍ୟପଟେ ଓଡ଼ିଶାରେ ଯେତେ ଫେକ୍ ଚାକିରି ସବୁଥିରେ ବିଜେଡି ସଂପୃକ୍ତ ବୋଲି ସାଲୁଜା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ବିଜେଡି ଲୋକ ଆଇଟି ସେଲରେ ରହି ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି । ବିଜେଡିର ଯେଉଁ ଲୋକ ଏଥିରେ ସଂପୃକ୍ତ, ସମସ୍ତଙ୍କୁ ତଦନ୍ତକୁ ଅଣାଯାଉ ବୋଲି ସାଲୁଜା କହିବା ସହ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ବଣିକ ଇନ୍‌ଷ୍ଟିଚ୍ୟୁଟ୍ ରେ ଗତକାଲି ରାତିରେ ଜିଏସ୍‌ଟି ବିଭାଗ ପକ୍ଷରୁ ରେଡ୍ କରାଯାଇଥିଲା। ଲକ୍ଷାଧିକ ଟଙ୍କାର ଜିଏସ୍ ଟି ଫାଙ୍କି ଅଭିଯୋଗରେ ଚଢ଼ାଉ ହୋଇଥିବା ସୂଚନା ମିଳିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo